## ସଂକ୍ଷେପରେ

### ୪ ଟ୍ରଲର ଜବତ, ୩୯ ମତ୍ସ୍ୟଜୀବୀ ଗିରଫ



**ରାଜନଗର, ୨୮।୩ (ଡିଏନଏ):** ରାଜନଗର ବ୍ଲକ ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବଳରାମଗଡି ଅଞ୍ଚଳର ୪ ଟି ଟ୍ରଲରକୁ ଗୁରୁବାର ଜବତ କରାଯାଇଛି। ଏଥିରେ ଥିବା ୩୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଓମ୍ ବାବା-୧ ଟ୍ରଲରରୁ ୮ଜଣ ମତ୍ସ୍ୟଜୀବୀ ଗିରଫ ହୋଇଥିବା ବେଳେ ଦେଢ଼ କୁଇଣ୍ଟାଲ ମାଛ ଏବଂ ମା' ମହାକାଳୀ ଟ୍ରଲରରୁ ୭ ମତ୍ସ୍ୟଜୀବୀ ଗିରଫ ଓ ୮ କୁଇଣ୍ଟାଲ ମାଛ ଜବତ ହୋଇଛି । ସେହିପରି ମା'ବସୁନ୍ଧରା-୧ ଟ୍ରଲରରୁ ୮ଜଣ ମତ୍ସ୍ୟଜୀବୀ ଗିରଫ ଓ ୬ କୁଇଣ୍ଟାଲ ମାଛ ଜବତ ହୋଇଛି । ମା'ଗଙ୍ଗା ଟ୍ରଲରରୁ ୧୬ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯିବା ସହିତ ୫୦ କିଲୋ ମାଛ ଜବତ କରାଯାଇଛି। ଗହୀରମଥା ଅତିରିକ୍ତ ବନସଂରକ୍ଷକ ଶ୍ରୀରାମପଦ ଅରବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀମାନେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ପଇଁତରା ମାରୁଥିବା ବେଳେ ଏହି ୪ଟି ଟ୍ରଲରକୁ ଜବତ କରିଥିଲେ ।

### ବିଜୟଙ୍କ ନିଷ୍ପତ୍ତିକୁ ଅନୁଗତଙ୍କ ସ୍ୱାଗତ

**ପାଟକୁରା, ୨୮।୩ (ଡି.ଏନ୍.ଏ.):** ଚାରି ମାସ ପୂର୍ବେ ଭାଜପାରୁ ଇସ୍ତଫା ଦେଇଥିବା ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ଭାଜପାରେ ଯୋଗଦେବା ନିଷ୍ପତ୍ତିକୁ ପାଟକୁରା ନିର୍ବାଚନମଣ୍ଡଳୀର ତାଙ୍କ ଅନୁଗତମାନେ ସ୍ୱାଗତ କରିଛନ୍ତି। ଦୀର୍ଘଦିନ ଧରି ନୀରବତା ଅବଲମ୍ବନ କରିଥିବା ବିଜୟଙ୍କୁ ଭାଜପା ଫେରାଇ ନେବାକୁ ଦଳୀୟ ନେତୃବୃନ୍ଦ ଉଦ୍ୟମ ଚଳାଇଥିଲେ। ତେବେ ଗୁରୁବାର ସେ ପୁଣି ଭାଜପାରେ ଯୋଗଦେବା ପରେ ପାଟକୁରା, ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ତାଙ୍କ ଅନୁଗତମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପାଟକୁରା ଜିଲା ପରିଷଦ ଜୋନ୍ ସଦସ୍ୟା ଅହଲ୍ୟା ଲେଙ୍କା, ୧୧ ନଂ. ଜୋନ୍ ଭାଜପା ସଭାପତି ଶ୍ରୀକାନ୍ତ ସେନାପତି, ଗରଦପୁର ବ୍ଲକର ପୂର୍ବତନ ସଭାପତି ଅମିୟ ପରିଜା, ଅରୁଣ କୁମାର ପଣ୍ଡା, ବାଇନ ପଣ୍ଡା, ଗରଦପୁର ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସିଂ, କ୍ଷୀରୋଦ ମହାନ୍ତି, କ୍ଷିତୀଶ ଦାସ, ରୋଜାଲିନ ଦାଶ ପ୍ରମୁଖ ଭାଜପା ରାଜ୍ୟ କାର୍ଯ୍ୟାଳୟ ଓ ବିଜୟଙ୍କ ବାସଭବନକୁ ଯାଇ ସ୍ୱାଗତ ଜଣାଇଥିଲେ। ସେହିପରି ଗତ ସାଧାରଣ ନିର୍ବାଚନର ଭାଜପା ଲୋକ ସଭା ପ୍ରାର୍ଥୀ ବିଷ୍ଣୁ ପ୍ରସାଦ ଦାସଙ୍କ ସମେତ ଶ୍ରୀମନ୍ତ କୁମାର ଦାସ, ଯୁବ ନେତା ଅଶୋକ କୁମାର ପରିଡ଼ା, ପାଟଲିପଙ୍କ ସମିତି ସଭ୍ୟ ଆଶିଷ ଖଟୁଆ, ଆଳୟ ସାମନ୍ତରାୟ, ବିରଞ୍ଚି ନାରାୟଣ ଦାସ, ଶଶାଙ୍କଶେଖର ସେଠୀ, ସୁନାକର ବେହେରା, ଜିଲା ଉପସଭାପତି କିଶୋର ପଣ୍ଡା, ରଶ୍ମି ରଂଜନ ବେଉରା ଏବଂ ବିଘ୍ନେଶ୍ୱର ସେଠୀ ପ୍ରମୁଖ କର୍ମକର୍ତ୍ତାମାନେ ବିଜୟଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଭାଜପାର ପୂର୍ବତନ ଏମ୍‌ପି ପ୍ରାର୍ଥୀ ବିଷ୍ଣୁ ପ୍ରସାଦ ଦାସ କହିଛନ୍ତି, ବିଜୟଙ୍କ ପ୍ରତ୍ୟାବର୍ତ୍ତନ ଏଠାରେ ଭାଜପାର ସ୍ଥିତିକୁ ନିଶ୍ଚିତ ଭାବେ ମଜଭୁତ କରିବ।

### ରାଜନଗର ଜେଏମ୍‌ଏଫ୍‌ସିରେ ନୂଆ ବିଚାରପତି

**ରାଜନଗର, ୨୮।୩(ଡିଏନଏ):** ରାଜନଗରସ୍ଥିତ ଜେଏମଏଫସି କୋର୍ଟରେ ଗୁରୁବାର ବିଚାରପତି ଭାବେ ସାଧନଜିତ୍ ପଣ୍ଡା ଯୋଗ ଦେଇଛନ୍ତି। ପଣ୍ଡା ସମ୍ବଲପୁର ଜେଏମଏଫସିରେ ବିଚାରପତି ଭାବେ କାର୍ଯ୍ୟ କରୁଥିଲେ। ରାଜନଗର ଜେଏମଏଫସିର ବିଚାରପତି କୃଷ୍ଣଚନ୍ଦ୍ର ନାୟକଙ୍କର ମାଲକାନଗିରି ଜେଏମଏଫସିକୁ ବଦଳି ହୋଇଯାଇଛି। ଗୁରୁବାର ନୂତନ ବିଚାରପତି କାର୍ଯ୍ୟରେ ଯୋଗଦେବା ପରେ ରାଜନଗର ବାର ଆସୋସିଏସନ ପକ୍ଷରୁ ଫୁଲତୋଡା ଦିଆଯାଇ ସ୍ୱାଗତ କରାଯାଇଛି। ବାର ଆସୋସିଏଶନର ସଭାପତି ପ୍ରଦୀପ କୁମାର ଦାସ, ସଂପାଦକ ଉମେଶ ଚନ୍ଦ୍ର ଦାସ, ବରିଷ୍ଠ ଆଇନଜୀବୀ ମନୋରଞ୍ଜନ କବି, ଦେବଦତ୍ତ ରାଉଳ, ଅମର ଦାସ, ସୁଧାଂଶୁ ଶେଖର ସାହୁ, ସରକାରୀ ଓକିଲ ନଳିନୀକାନ୍ତ ମଙ୍ଗରାଜ, ପ୍ରଭାତ କୁମାର ଜେନା ପ୍ରମୁଖ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଏଥିସହ କୋର୍ଟର କର୍ମଚାରୀ ରଶ୍ମିରଞ୍ଜନ ଦାସ, ମୁରଲୀଧର ସିଂ, ବକୁଳ ଚନ୍ଦ୍ର ନାୟକ, ମକରଧ୍ୱଜ ନାୟକ ପ୍ରମୁଖ ନୂତନ ବିଚାରପତିଙ୍କୁ ସ୍ୱାଗତ କରିଥିଲେ ।

# କଡ଼ା ମୁକାବିଲାର ସମ୍ମୁଖୀନ ହେବେ ପ୍ରାର୍ଥୀ

**କେନ୍ଦ୍ରାପଡା ଅଫିସ, ୨୮।୩**

**କେନ୍ଦ୍ରାପଡ଼ା ଲୋକ ସଭା ଆସନ**
- ବୈଜୟନ୍ତଙ୍କୁ ସୁହାଇବ ବିଜୟଙ୍କ ଭାଜପା ପ୍ରତ୍ୟାବର୍ତ୍ତନ
- ବିଜେଡିର ଉନ୍ନୟନ କାର୍ଯ୍ୟକୁ ଆଧାର କରି ଭୋଟ ମାଗିବେ ଅନୁଭବ
- ଉପଯୁକ୍ତ ପ୍ରାର୍ଥୀ ଚୟନ କଲେ ପ୍ରତିପକ୍ଷଙ୍କୁ ଟକ୍କର ଦେବ କଂଗ୍ରେସ

କେନ୍ଦ୍ରାପଡ଼ା ଲୋକ ସଭା ଆସନରେ ପ୍ରଥମ ଥର କଂଗ୍ରେସ ବାଜି ମାରିଥିବା ବେଳେ ଏହା ପରଠୁ ଏହି ଆସନ ଅଣ କଂଗ୍ରେସ ଓ ଅଣ ଭାଜପା ଗଡ ଭାବେ ପରିଚିତ ରହିଛି। କିନ୍ତୁ ଏଥର ସାଧାରଣ ନିର୍ବାଚନ ବିଜେଡି ପାଇଁ ଚ୍ୟାଲେଞ୍ଜ ହେବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି। ଇତିମଧ୍ୟରେ କେନ୍ଦ୍ରାପଡ଼ା ଲୋକ ସଭା ଆସନ ପାଇଁ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ଭାଜପା ଓ ରାଜ୍ୟ ସଭା ସଦସ୍ୟ ତଥା ଚଳଚ୍ଚିତ୍ର ଅଭିନେତା ଅନୁଭବ ମହାନ୍ତିଙ୍କୁ ବିଜେଡି ପ୍ରାର୍ଥୀ ଘୋଷଣା କରିଛି। ମାତ୍ର କଂଗ୍ରେସ ଅଦ୍ୟାବଧି ଲୋକ ସଭା ପ୍ରାର୍ଥୀ ଘୋଷଣା କରିନାହିଁ। ରାଜନୈତିକ ବିଶ୍ଳେଷକ ଡା. ପି.ଏନ୍. ଗୌରାଙ୍ଗ, ଅମରବର ବିଶ୍ୱାଳ ଓ ରାଧାକାନ୍ତ ମହାନ୍ତି କୁହନ୍ତି, ଏହି ଦୁଇ ନେତାଙ୍କର ରାଜନୈତିକ ଅଭିଜ୍ଞତା ଅଛି। ଭାଜପା ପ୍ରାର୍ଥୀ ବୈଜୟନ୍ତ ଦୁଇ ଥର ରାଜ୍ୟ ସଭା ସଦସ୍ୟ ରହିଥିବା ବେଳେ ବିଜେଡି ଟିକେଟରେ ୨୦୦୯ ଓ ୨୦୧୪ରେ ଲୋକ ସଭା ପାଇଁ ନିର୍ବାଚିତ ହୋଇଥିଲେ। ନିର୍ବାଚନ କ୍ଷେତ୍ର ସମ୍ପର୍କରେ ତାଙ୍କର ଅଭିଜ୍ଞତା ରହିଛି। ତା' ସହିତ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କେନ୍ଦ୍ରାପଡା ଜିଲାରେ ଭାଜପାର ଭୋଟ ହାର ଯଥେଷ୍ଟ ବଢ଼ିଛି। ବରିଷ୍ଠ ନେତା ବିଜୟ ମହାପାତ୍ର ଭାଜପାକୁ ଫେରିଥିବାରୁ ଏହା ବୈଜୟନ୍ତଙ୍କର ଲୋକ ସଭା ନିର୍ବାଚନ ବୈତରଣୀ ପାର ହେବାରେ ସହଜ ହେବ।

ଅପରପକ୍ଷେ କେନ୍ଦ୍ରାପଡ଼ା ରାଜନୈତିକ ଗଣିତ କୁହେ, ୨୦୦୪ରେ ବିଜେଡି ଟିକେଟରେ ଏମ୍‌ପି ଭାବେ ନିର୍ବାଚନ ଜିତିଥିବା ଅର୍ଚ୍ଚନା ନାୟକ ୨୦୦୯ରେ ଟିକେଟ ନ ମିଳିବାରୁ ସେ ଭାଜପାରେ ଯୋଗଦେଇ ନିର୍ବାଚନ ଲଢ଼ିଥିଲେ। ସେହିଥର ସେ ବିଜେଡି ପ୍ରାର୍ଥୀ ବୈଜୟନ୍ତଙ୍କଠାରୁ ହାରିଥିଲେ। ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତି ଏହି ନିର୍ବାଚନ କ୍ଷେତ୍ରରେ ନୂଆ। ଏଠାରେ ସେ ବିଜେଡିର ଉନ୍ନୟନ କାର୍ଯ୍ୟକୁ ଆଧାର କରି ନିର୍ବାଚନ ବୈତରଣୀ ପାର ହେବାକୁ ଚେଷ୍ଟା କରିବେ। ତାଙ୍କ ପାଇଁ ଦଳୀୟ ନେତାଙ୍କ ମଧ୍ୟରେ ଥିବା ଅସନ୍ତୋଷ ଭୋଟ ସଂଗ୍ରହରେ ବାଧା ସୃଷ୍ଟି କରିପାରେ। ଦଳ ମଧ୍ୟରେ ଥିବା ଅସନ୍ତୋଷ ଦୂର ହେଲେ ନିର୍ବାଚନ ବୈତରଣୀ ପାର ହେବା ତାଙ୍କ ପକ୍ଷେ ସହଜ ହେବ। ବିଗତ ସାଧାରଣ ନିର୍ବାଚନଗୁଡ଼ିକରେ ଏହି ଲୋକ ସଭା ନିର୍ବାଚନ କ୍ଷେତ୍ରରେ କଂଗ୍ରେସ ସର୍ବଦା ଦ୍ୱିତୀୟ ସ୍ଥାନରେ ରହିଆସିଛି। ଏଥିସହ ଏଥର ସାଧାରଣ ନିର୍ବାଚନରେ ରାଜନଗର ବିଧାନସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି, କେନ୍ଦ୍ରାପଡ଼ା ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରା ଓ ଆଳି ବିଧାନସଭା ପ୍ରାର୍ଥୀ ଦେବେନ୍ଦ୍ର ଶର୍ମାଙ୍କର ଯଥେଷ୍ଟ ଲୋକପ୍ରିୟତା ମଧ୍ୟ ରହିଛି। ତୃଣମୂଳସ୍ତରରେ କଂଗ୍ରେସର ସଂଗଠନ ସାମାନ୍ୟ ଦୋହଲି ଥିଲେ ମଧ୍ୟ ଲୋକ ସଭା ନିର୍ବାଚନରେ ଉପଯୁକ୍ତ ପ୍ରାର୍ଥୀ ଚୟନ କଲେ କଂଗ୍ରେସ ଉଭୟ ଭାଜପା ଓ ବିଜେଡିକୁ କଡ଼ା ଟକ୍କର ଦେଇପାରିବ। ସେମାନେ ଦର୍ଶାଇଛନ୍ତି ଯେ, ୨୦୧୪ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ପଞ୍ଜୀକୃତ ମୋଟ ୧୫,୩୧,୨୮୬ ଭୋଟରଙ୍କ ମଧ୍ୟରୁ ୧୧,୪୦,୯୯୯ ଖଣ୍ଡ (୭୪.୫୧ ପ୍ରତିଶତ) ମତଦାନ ହୋଇଥିଲା। ଏଥିରେ ବିଜେଡି(ବୈଜୟନ୍ତ)ଙ୍କୁ ୫୨.୭୨ ପ୍ରତିଶତ ଅର୍ଥାତ୍ ୬,୦୧,୫୭୪ ଖଣ୍ଡ ଭୋଟ ଯାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଧରଣୀଧର ନାୟକଙ୍କ ସପକ୍ଷରେ ୩,୯୨,୪୬୬ ଖଣ୍ଡ(୩୪.୪ ପ୍ରତିଶତ) ଭୋଟ ପଡିଥିଲା। ସେହିପରି ଭାଜପା ପ୍ରାର୍ଥୀ ବିଷ୍ଣୁପ୍ରସାଦ ଦାସ ୧,୧୮,୭୦୭ ଖଣ୍ଡ ଭୋଟ ପାଇଥିଲେ। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଫଳାଫଳ, ଭାଜପାର ବିଜୟ ଓ ବୈଜୟନ୍ତଙ୍କ ମେଳି ଯୋଗୁ ଭାଜପା ଅଧିକ ୨ ଲକ୍ଷ ଭୋଟ ଆଣିବା ସମ୍ଭବ ହୋଇପାରେ। କେନ୍ଦ୍ରାପଡ଼ା ଜିଲାର ଆଞ୍ଚଳିକ ସମସ୍ୟା ଓ ଅର୍ଥନୈତିକ ସମସ୍ୟାର ସମାଧାନ ହୋଇ ପାରି ନ ଥିବାରୁ ଏହି ଭୋଟ ମୁଖ୍ୟତଃ ବିଜେଡି ଓ କିଛି ମାତ୍ରାରେ କଂଗ୍ରେସ ଭୋଟରୁ ଆସିବା ସମ୍ଭାବନା ଅଛି। ଆସନ୍ତା ନିର୍ବାଚନରେ ଲୋକ ସଭାରେ ତ୍ରିମୁଖୀ ଲଢ଼େଇ ହେବାକୁ ଥିବା ବେଳେ କଂଗ୍ରେସର ପ୍ରାର୍ଥୀ ଚୟନକୁ ଅପେକ୍ଷା କରାଯାଇଛି ବୋଲି ସେମାନେ ମତ ଦେଇଛନ୍ତି।

## ତାଳଚୁଆ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ



ଗ୍ରାମବାସୀଙ୍କ ଦ୍ୱାରା ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଯାଇଛି।

**ରାଜନଗର, ୨୮।୩(ଡିଏନଏ)**

ରାଜନଗର ବ୍ଲକ ଅଧୀନ ତାଳଚୁଆ ଅଙ୍ଗନୱାଡି କେନ୍ଦ୍ରରେ ନିମ୍ନମାନର ଖାଦ୍ୟ ଦେବା , ଅଙ୍ଗନୱାଡି କର୍ମୀ ନିୟମିତ ନ ଆସିବା ପ୍ରତିବାଦରେ ଗ୍ରାମବାସୀ ଓ ଅଭିଭାବକମାନେ ଗୁରୁବାର କେନ୍ଦ୍ରରେ ତାଲା ପକାଇଛନ୍ତି । ଗତ ୨୬ ତାରିଖ ଦିନ ଏହି କେନ୍ଦ୍ରରେ ପିଲାଙ୍କୁ ପଚା ଅଣ୍ଡା ଦିଆଯାଇଥିଲା। କେତେଜଣ ଗ୍ରାମବାସୀ ଏହା ଦେଖିବା ପରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଗୁରୁବାର ଗ୍ରାମର କାର୍ତ୍ତିକ ଦେବନାଥ, ମୁକ୍ତାଲାଲ ମଣ୍ଡଳ, ତାପସ ମାଇତି, ଭାନୁ ମଣ୍ଡଳ, ସପନ ଦାସ, କାଲୁ ସାମନ୍ତ, ସୁଧାଂଶୁ ମଣ୍ଡଳ, ରାଧାଶ୍ୟାମ ମଣ୍ଡଳ, ଲାଲମୋହନ ମଣ୍ଡଳ ପ୍ରମୁଖ କେନ୍ଦ୍ର ନିକଟରେ ପହଞ୍ଚି କେନ୍ଦ୍ରର ଅବ୍ୟବସ୍ଥା ସଂପର୍କରେ ରାଜନଗର ସିଡିପିଓଙ୍କ କାର୍ଯ୍ୟାଳୟକୁ ଜଣାଇଥିଲେ। ସିଡିପିଓ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ କରିବା ପରେ ତାଲା ଖୋଲାଯିବ ବୋଲି ଗ୍ରାମବାସୀ କହିଛନ୍ତି ।

## ଅନୁଭବଙ୍କ ପ୍ରାର୍ଥୀତ୍ୱକୁ ସ୍ୱାଗତକରି ଶୋଭାଯାତ୍ରା

**ରାଜନଗର, ୨୮।୩ (ଡିଏନଏ)**

କେନ୍ଦ୍ରାପଡା ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ବିଜୁ ଜନତା ଦଳ ପକ୍ଷରୁ ଜଣାଶୁଣା ଅଭିନେତା ଅନୁଭବ ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛି। ବୁଧବାର ଅନୁଭବଙ୍କୁ ପ୍ରାର୍ଥୀ କରାଯିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ପରେ ରାଜନଗର ନିର୍ବାଚନମଣ୍ଡଳୀରେ ବିଜେଡି କର୍ମୀମାନେ ଅଦିନିଆ ଦୀପାବଳି ମନାଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଆପିକଲ ଅଧ୍ୟକ୍ଷ କୃତ୍ତିବାସ ପାତ୍ରଙ୍କ ସମର୍ଥକମାନେ ଅନୁଭବଙ୍କ ପ୍ରାର୍ଥୀତ୍ୱକୁ ସ୍ୱାଗତ ଜଣାଇ ଏକ ଶୋଭାଯାତ୍ରାରେ ତ୍ରିନାଥବଜାର, ସାନବଡଗୋପାଳପୁର ବଜାର ଓ ରାଜନଗର ବଜାର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରାରେ



ରାଜନଗରରେ କୃତ୍ତିବାସଙ୍କ ସମର୍ଥକମାନଙ୍କ ପକ୍ଷରୁ ଶୋଭାଯାତ୍ରା।

ଯୁବନେତା ଭରତ ଚନ୍ଦ୍ର ରାଉତ, ବୈବର୍ତ୍ତ ବିଶ୍ୱାଳ, ନିରାକାର ସ୍ୱାଇଁ, ବରିଷ୍ଠ ବିଜେଡି ନେତା କୈଳାସ ଚନ୍ଦ୍ର ମହାନ୍ତି , ରମେଶ ଚନ୍ଦ୍ର ପାତ୍ର, ମାଧବାନନ୍ଦ ରାଉତ, ସୁବାସ କୁଣ୍ଡ, ଅମର ରାଉତ, ମନୋଜ ରାଉତରାୟ, ଜାମିନୀ ରାଉତ, ଦିଲିପ ଲେଙ୍କା, ପ୍ରଭାତ ପ୍ରଧାନ, ନବକିଶୋର ମହାନ୍ତି, ରାଜେନ୍ଦ୍ର ପ୍ରସାଦ ରାଉତ, ମୁକେଶ ପାତ୍ର, ସୁକାନ୍ତ ଦାସ, ଉମେଶ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## ଭାଜପାକୁ ଫେରିଲେ ବିଜୟ, ମିଶ୍ର ପ୍ରଭାବ

**କେନ୍ଦ୍ରାପଡା ଅଫିସ, ୨୮।୩**

ବରିଷ୍ଠ ରାଜନେତା ବିଜୟ ମହାପାତ୍ର ଭାଜପାକୁ ଗୁରୁବାର ଫେରିଛନ୍ତି। ଗତ ନଭେମ୍ବର ୩୦ ତାରିଖରେ ସେ ଭାଜପାରୁ ଇସ୍ତଫା ଦେଇଥିଲେ। ଏବେ ତାଙ୍କର ଭାଜପାକୁ ଘର ବାହୁଡା ଓ ଆଗାମୀ ପଦକ୍ଷେପ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାରେ ଚର୍ଚ୍ଚା ଜୋର ଧରିଥିବା ବେଳେ କର୍ମୀ ମହଲରେ ମିଶ୍ର ପ୍ରଭାବ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଭାଜପାର କେତେଜଣ ବରିଷ୍ଠ କର୍ମକର୍ତ୍ତା ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୂବନମୋହନ ଜେନା କୁହନ୍ତି ଯେ, ବିଜୟ ଏକ ବିସ୍ମୟ ପୁରୁଷ। ତାଙ୍କର ରଜନୈତିକ ପରିପକ୍ୱତା ଅଛି। ତେବେ ତାହା ଅନ୍ୟର ଉପକାରରେ ଲାଗିଥିଲେ ମଧ୍ୟ ନିଜେ ନିର୍ବାଚନରେ ସଫଳ ହୋଇନାହାନ୍ତି। ଗତ ଦୁଇ ବର୍ଷ ଧରି ଭାଜପାରେ ରହି ମଧ୍ୟ ସେ କୌଣସି କାର୍ଯ୍ୟକ୍ରମରେ ଭାଗ ନେଇ ନଥିଲେ। ଏପରିକି ଭାଜପାଠାରୁ ଦୂରେଇ ଯିବା ପରି କଥା କହି ଶେଷରେ ଗତ ୪ ମାସ ପୂର୍ବେ ଇସ୍ତଫା ଦେଇଥିଲେ। ଏହି ସମୟରେ ସେ ପ୍ରକାଶ କରିଥିଲେ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହାଙ୍କ ଓଡିଶାରେ ମିଶନ ୧୨୦ ପ୍ଲସର ବାସ୍ତବ ଭିତ୍ତିଭୂମି ନାହିଁ। ତେବେ ଓଡ଼ିଶାରେ ମୋଦି ଲହରୀ ଆରମ୍ଭ ହୋଇଥିବାରୁ ସେ ଭାଜପାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏବେ ତାଙ୍କର ଫେରିବା ଜିଲା ଭାଜପା ପାଇଁ ଏକ ପ୍ରସଙ୍ଗ ନୁହେଁ ବୋଲି ସେମାନେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଆସନ୍ତା ନିର୍ବାଚନରେ ବିଜୟ ପାଟକୁରା ଅଥବା ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରୁ ଲଢ଼ିବେ ବୋଲି ଆଲୋଚନା ଆରମ୍ଭ ହୋଇଯାଇଛି।

## ବିଜେଡିରେ ମିଶିଲେ କଂଗ୍ରେସ କର୍ମୀ


ବିଜେଡି ପକ୍ଷରୁ ଆୟୋଜିତ ପଦଯାତ୍ରାରେ ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ଓ ଅନ୍ୟମାନେ।

**ଆଳି, ୨୮।୩ (ଡି.ଏନ୍.ଏ.)**

ଆଳି ବ୍ଲକ ଅଟାଳ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆଳି ବ୍ଲକ ବିଜେଡି ସଭାପତି ଜଗତାନନ୍ଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଆଳି ବିଧାନସଭା ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ବିଜେଡି ସରକାର ସମୟରେ ଆଳି ଅଞ୍ଚଳରେ ହୋଇଥିବା ବିକାଶ ସମ୍ପର୍କରେ କହିଥିଲେ। ଏହି ଅବସରରେ ପଞ୍ଚାୟତର ମୁରଲୀ ପାଢ଼ୀ, ଭରତ ପାଢୀ, ପଞ୍ଚାନନ ମହାନ୍ତି, ସଦାନନ୍ଦ ମଲ୍ଲିକ, ଅକ୍ଷୟ ମଳିକ, ବାଦଲ ମଳିକ, କୁଳମଣି କବି, ଗୌରାଙ୍ଗ ବରାଳ, ଶତ୍ରୁଘ୍ନ ବେହେରା, ରବୀନ୍ଦ୍ର ବେହେରା, ଘନଶ୍ୟାମ ବେହେରା, ଉଦୟକର ବେହେରା, ଦାମୋଦର ଦାସ ଓ ରତ୍ନାକର ପରିଡ଼ାଙ୍କ ସମେତ ବହୁ କର୍ମୀ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିଲେ। ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ନୂତନ କର୍ମୀଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ, ୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସତ୍ୟଭାମା ମଳିକ, ଅଟାଳ ସରପଞ୍ଚ ଅଚ୍ୟୁତାନନ୍ଦ ବଳ, ସମିତିସଭ୍ୟ ପାରେଶ୍ୱର ପାଢୀ, ମେଣ୍ଢପୁର ସରପଞ୍ଚ ପ୍ରତାପ ସାହୁ, ବାଳକାଟି ସରପଞ୍ଚ ଦିବାକର ନାୟକ, ରମେଶ ପଣ୍ଡା, ଦଶରଥ ମଳିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅଟାଳ ପଞ୍ଚାୟତର କୋଚିଳା, ପୁରିଲୋ, କୁଣ୍ଡିଲୋ, ଗୋପୀନାଥପୁର, ଅଟାଳ, ଖଡୋଳ ଓ ଧନେଶ୍ୱରପୁର ଗ୍ରାମରେ ବିଜେଡି ନେତା ଓ କର୍ମୀ ପଦଯାତ୍ରା କରିବା ସହ ଧନେଶ୍ୱରପୁର ଗ୍ରାମସ୍ଥିତ ମା'ବାସୁଳେଇ ପୀଠରେ କର୍ମୀସମ୍ମିଳନୀରେ ପହଞ୍ଚିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଜେଡି କାର୍ଯ୍ୟାଳୟରୁ ବାହାରି କେନ୍ଦ୍ରାପଡ଼ାରେ ପହଞ୍ଚିଥିବା ପ୍ରଚାର ରଥକୁ ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ସ୍ୱାଗତ କରିଥିଲେ।

## ବାଇକ ଡିକି ଭାଙ୍ଗି ଦେଢ ଲକ୍ଷ ଲୁଟ୍

**ପଟ୍ଟାମୁଣ୍ଡାଇ, ୨୮।୩ (ସ୍ୱ.ପ୍ର.)**

ଗୁରୁବାର ମଧ୍ୟାହ୍ନ ୧୨ଟା ବେଳେ ପଟ୍ଟାମୁଣ୍ଡାଇ ବ୍ଲକ ଗଡା ରାସ୍ତା ପାଖ ଏକ ଔଷଧ ଦୋକାନ ସାମ୍ନାରୁ ବାଇକ ଡିକି ଭାଙ୍ଗି ୨ ଜଣ ଦୁର୍ବୃତ୍ତ ଦେଢ ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଛନ୍ତି । ଏ ନେଇ ପଟ୍ଟାମୁଣ୍ଡାଇ ବ୍ଲକ କଇଁକୁଳା ପାଣି ପଞ୍ଚାୟତ ସମ୍ପାଦକ ପ୍ରହ୍ଲାଦ ପାତ୍ର ଓ ସଭାପତି ପ୍ରକାଶ ଦାସ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପଟ୍ଟାମୁଣ୍ଡାଇ ପୋଲିସ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି ।

ପ୍ରକାଶ ଯେ, କଇଁକୁଳା ପାଣି ପଞ୍ଚାୟତର ସମ୍ପାଦକ ପାତ୍ର ଓ ସଭାପତି ଦାସ ପାଣି ପଞ୍ଚାୟତରେ କାମ କରିଥିବା ବାବଦରେ ବିଲ୍ ନେବା ପାଇଁ ପଟ୍ଟାମୁଣ୍ଡାଇ ଷ୍ଟେଟ ବ୍ୟାଙ୍କ ମୁଖ୍ୟଶାଖାରୁ ମଧ୍ୟାହ୍ନରେ ଦେଢ ଲକ୍ଷ ଟଙ୍କା ଉଠାଇଥିଲେ । ଏହି ଟଙ୍କାକୁ ବାଇକ୍ ଡିକିରେ ରଖି ଉଭୟ ବଜାର ଭିତରକୁ ଆସୁଥିଲେ । ସେମାନେ ବ୍ଲକ ଗଡା ରାସ୍ତା ନିକଟ ଏକ ଔଷଧ ଦୋକାନରୁ ଔଷଧ କିଣିବା ବେଳେ ବ୍ୟାଙ୍କ ନିକଟରୁ ବାଇକ୍‌ରେ ପିଛା କରୁଥିବା ଦୁଇଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ । ଜଣେ ଦୁର୍ବୃତ୍ତ ଆସିଥିବା ବାଇକ୍‌ରୁ ଓହ୍ଲାଇ ଡିକି ଭାଙ୍ଗି ଟଙ୍କା ଲୁଟି ନେବା ପରେ ଗାଡି ଷ୍ଟାର୍ଟ କରି ଅପେକ୍ଷା କରିଥିବା ଅନ୍ୟ ଜଣଙ୍କ ସହ ଦ୍ରୁତ ଗତିରେ ପଳାଇ ଯାଇଥିଲେ । ଅଭିଯୋଗ ପାଇବା ପରେ ପୋଲିସ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟଶାଖାକୁ ଯାଇ କେତେ ଟଙ୍କା ଉଠାଣ ହୋଇଛି ତାର ହିସାବ ସଂଗ୍ରହ କରିଛି । ଷ୍ଟେଟ ବ୍ୟାଙ୍କ ଶାଖାରୁ ଟଙ୍କା ଉଠାଉଥିବା ଲୋକଙ୍କୁ ପିଛା କରି ଲୁଟେରାମାନେ ବାରମ୍ବାର ଟଙ୍କା ଲୁଟ କରୁଥିବା ନେଇ ସାଧାରଣରେ କୋକୁଆ ଭୟ ସୃଷ୍ଟି ହୋଇଛି । ଏ ପର୍ଯ୍ୟନ୍ତ କୌଣସି ଜଣେ ହେଲେ ଲୁଟେରାକୁ ପୋଲିସ ଧରିବାକୁ ସକ୍ଷମ ହୋଇନାହିଁ ।

## ଧ୍ରୁବଙ୍କୁ ପ୍ରାର୍ଥୀ କରିବା ପାଇଁ ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତା ଭୁବନେଶ୍ୱରରେ

**ରାଜନଗର, ୨୮।୩ (ଡିଏନଏ)**

**ରାଜନଗର ନିର୍ବାଚନମଣ୍ଡଳୀ**

କେନ୍ଦ୍ରାପଡା ଜିଲାର ୩ଟି ବିଧାନସଭା କ୍ଷେତ୍ର ପାଇଁ ବିଜେଡି ପକ୍ଷରୁ ବୁଧବାର ପ୍ରାର୍ଥୀ ଘୋଷଣା କରାଯାଇଛି। ରାଜନଗର ଓ କେନ୍ଦ୍ରାପଡା ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କରାଯାଇନାହିଁ। ବିଜେଡି ପକ୍ଷରୁ ରାଜନଗର ନିର୍ବାଚନମଣ୍ଡଳୀ ପାଇଁ ଟିକେଟ ଘୋଷଣା କରା ନ ଯିବା କାରଣରୁ କର୍ମୀଙ୍କ ମଧ୍ୟରେ ନା ନା ଆଶଙ୍କା ସୃଷ୍ଟି ହୋଇଛି। ଗୁରୁବାର ରାଜନଗର ବ୍ଲକ, ପଟ୍ଟାମୁଣ୍ଡାଇ ବ୍ଲକ, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ନିର୍ବାଚିତ ପ୍ରତିନିଧି, ଦଳୀୟ କର୍ମକର୍ତ୍ତା ଓ ଆଗଧାଡିର କର୍ମୀମାନେ ଭୁବନେଶ୍ୱରରେ ପହଞ୍ଚି କେନ୍ଦ୍ରାପଡା ଜିଲା ବିଜେଡି ସଭାପତି ତଥା ରାଜନଗର ନିର୍ବାଚନମଣ୍ଡଳୀର ନେତା ଧ୍ରୁବ ସାହୁଙ୍କୁ ପ୍ରାର୍ଥୀ କରିବା ପାଇଁ ଦାବି କରିଛନ୍ତି । କେନ୍ଦ୍ରାପଡା ଜିଲାର ପର୍ଯ୍ୟବେକ୍ଷକ ପ୍ରମିଳା ମଲ୍ଲିକ, ରାଜ୍ୟସଭା ସଦସ୍ୟ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡା ଜିଲା ଏମପି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କୁ ଭେଟି ସାହୁଙ୍କୁ ପ୍ରାର୍ଥୀ କରିବା ପାଇଁ ଦାବି କରିଥିବା ଜଣାଯାଇଛି।

ସୂଚନାଯୋଗ୍ୟ ଯେ, ଗତ ବିଧାନସଭା ନିର୍ବାଚନରେ ଧ୍ରୁବ ସାହୁଙ୍କୁ ଦଳୀୟ ପ୍ରାର୍ଥୀ କରାଯାଇଥିଲା। ତେବେ କେତେଜଣ ବିଜେଡି ନେତାଙ୍କ ଦଳବିରୋଧି କାର୍ଯ୍ୟ ଯୋଗୁ କଂଗ୍ରେସ ପ୍ରାର୍ଥୀ ତଥା ସ୍ୱର୍ଗତ ନଳିନୀ ମହାନ୍ତିଙ୍କ ପୁତ୍ର ଅଂଶୁମାନ ମହାନ୍ତି ମାତ୍ର ୫୭୩୨ ଖଣ୍ଡ ଭୋଟରେ ବିଜୟୀ ହୋଇଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ଧ୍ରୁବଙ୍କ ନେତୃତ୍ୱରେ ଦଳ ଏହି ନିର୍ବାଚନମଣ୍ଡଳୀରେ ଥିବା ୬ଟି ଜିଲା ପରିଷଦ ଜୋନରୁ ୫ଟି ଜିଲା ପରିଷଦ ସିଟ ହାତେଇବା ସହ ୨ଟି ପଞ୍ଚାୟତ ସମିତି ଦଖଲ କରିଛି। ଦୀର୍ଘ ୫ ବର୍ଷ ହେଲା କର୍ମୀଙ୍କ ସହ ରହି ବିଜେଡି ସଂଗଠନକୁ ନିଜ କବଜାରେ ରଖିଛନ୍ତି । ବୁଧବାର ସନ୍ଧ୍ୟାରେ ବିଜେଡିର ଟିକେଟ ଘୋଷଣା ବେଳେ ରାଜନଗର ଆସନ ପାଇଁ ଆଶାୟୀ ଥିବା ସାହୁଙ୍କ ନାମ ଘୋଷଣା ହେବ ବୋଲି କର୍ମୀମାନେ ଅନାଇ ବସିଥିଲେ। ମାତ୍ର ରାଜନଗର ଟିକେଟ ଝୁଲାଇ ରଖାଯିବା କାରଣରୁ ଗୁରୁବାର ରାଜନଗର ଓ ପଟ୍ଟାମୁଣ୍ଡାଇର ବିଜେଡି ନେତାମାନେ ଭୁବନେଶ୍ୱରରେ ଡେରା ପକାଇଛନ୍ତି ।

# ଅଢାଯୋଡ଼ି ମଦଦୋକାନ ବନ୍ଦ ଦାବିରେ ଧାରଣା

**ପଟ୍ଟାମୁଣ୍ଡାଇ,୨୮।୩ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ଅଢାଯୋଡି ଗ୍ରାମରେ ଥିବା ବିଦେଶୀ ମଦ ଦୋକାନ ବନ୍ଦ କରିବା ଦାବି ନେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଗୁରୁବାର ପୂର୍ବାହ୍ନ ୯ଟାରେ ମଦ ଦୋକାନ ଆଗରେ ଧାରଣା ଦିଆ ଯାଇଥିଲା । ମିଳିତ ଓଡିଶା ନିଶା ନିବାରଣ ଅଭିଯାନର ସଭାନେତ୍ରୀ ପାର୍ବତୀ ନାୟକ, ବିଦ୍ୟୁଲତା ମହାନ୍ତି, ସୋନାଲି ମହାନ୍ତି, ରଶ୍ମିତା ମହାନ୍ତି , ରେବତୀ ନାୟକଙ୍କ ସମେତ ଅଢାଯୋଡି ଅଞ୍ଚଳର ୭ ଟି ସ୍ୱୟଂସହାୟକ ଗୋଷ୍ଠୀର ଶାନ୍ତିଲତା ସାହୁ, ମିନାକ୍ଷୀ ମହାନ୍ତି , ରଶ୍ମିତା ବେହେରା, ଭିନୁରାଣୀ ବେହେରା, ଅମ୍ବିକା ବେହେରା ପ୍ରମୁଖ ଧାରଣାରେ ବସିଥିଲେ । ଖବର ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ଧାରଣା ସ୍ଥଳରେ ପହଞ୍ଚି ଧାରଣାରତ ମହିଳାମାନଙ୍କୁ ବୁଝାଇ ଶୁଝାଇ ଧାରଣା ପ୍ରତ୍ୟାହାର ପାଇଁ କହିଥିଲେ । ତେବେ ମହିଳାମାନେ ଏଥିରେ ରାଜି ନ ହେବାରୁ ଜିଲାପାଳଙ୍କୁ ଜଣାଇବା ପାଇଁ ଆଇଆଇସି ତ୍ରିପାଠୀ କହିଥିଲେ। ମଧ୍ୟାହ୍ନ ୧୨ଟା ବେଳେ ମହିଳା ମାନେ ଧାରଣାରୁ ଓହରି ଯାଇଥିଲେ ।



ମଦ ଦୋକାନ ଆଗରେ ମହିଳାମାନେ ଧାରଣାରେ ବସିଛନ୍ତି।

୨୦୧୨ରେ ଗୁଣ୍ଠି ଠାରେ ଏକ ସରକାରୀ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ତତ୍‌କାଳୀନ ଜିଲାପାଳଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ତେବେ ବିରୋଧ ହେବାରୁ ଗୁଣ୍ଠି ପରିବର୍ତ୍ତେ ଅଢାଯୋଡି ଗ୍ରାମର ଶେଷ ମୁଣ୍ଡରେ ଉତିକଣ ବନ୍ୟାବନ୍ଧ ପାର୍ଶ୍ୱରେ ବିଦେଶୀ ମଦ ଦୋକାନ ଖୋଲା ଯାଇଥିଲା । ଏହାକୁ ଅଢାଯୋଡି ଗ୍ରାମବାସୀ ଦୃଢ ବିରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ତେବେ ଏଠାରେ ମଦ ଦୋକାନ ଖୋଲାଯିବା ଫଳରେ ଛୋଟ ଛୋଟ ପିଲାମାନେ ମଦ ପିଇ ନାନା ଅସାମାଜିକ କାର୍ଯ୍ୟ ଘଟାଉଥିବା ବେଳେ ଝିଅ ବୋହୁ ମାନେ ସୁରକ୍ଷିତ ମଣୁନାହାନ୍ତି । ଏଣୁ ଏଠାରୁ ମଦ ଦୋକାନ ଉଠାଇ ନେବାକୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଗତ ୧୯ ତାରିଖରେ କେନ୍ଦ୍ରାପଡା ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣ ଦେଇଥିଲେ । ୭ ଦିନ ଭିତରେ ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ଜିଲାପାଳ ଦାଶରଥି ଶତପଥୀ ଧାରଣାରତ ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ତେବେ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଗୁରୁବାର ମହିଳାମାନେ ବିଦେଶୀ ମଦ ଦୋକାନ ଆଗରେ ଧାରଣାରେ ବସିଥିଲେ । ଦାବି ପୂରଣ ନ ହେଲେ ମହିଳାମାନେ ଆଇନକୁ ହାତକୁ ନେବାକୁ ପଛାଇବେ ନାହିଁ ବୋଲି ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଚେତାଇ ଦେଇଛନ୍ତି ।

## ସଂକ୍ଷେପରେ

### ୨୦ ବର୍ଷ ପରେ ଅଭିଯୁକ୍ତ ଗିରଫ

ଏରସମା,୨୮।୩(ସ୍ୱ.ପ୍ର.): ଏରସମା ପୋଲିସ ଦୀର୍ଘ ୨୦ ବର୍ଷ ପରେ ଚୋରି ଓ ଡକାୟତି ମାମଲାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଆମ୍ବିକି ଗ୍ରାମର ଧିରେନ୍ଦ୍ରନାଥ ମହାନ୍ତି। ତାଙ୍କ ନାମରେ ଏକାଧିକ ଚୋରି ଓ ଡାକାୟତି ମାମଲା ରହିଛି। ବୁଧବାର ରାତିରେ ଥାନା ଅଧିକାରୀ ଦୀନେଶ କୁମାର ପଣ୍ଡା ସଦଳବଳ ତାଙ୍କ ଘରେ ଚଢାଉ ଧିରେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

### ଜଇପୁର ମଣ୍ଡଳ ଭାଜପା ନିର୍ବାଚନ ପରିଚାଳନା କମିଟି ବୈଠକ



ରଘୁନାଥପୁର,୨୮।୩(ଡି.ଏନ.ଏ.): ନିର୍ବାଚନକୁ ଦୃଷ୍ଟିରେ ରଖି ରଘୁନାଥପୁର ବ୍ଲକ ଜଇପୁର ମଣ୍ଡଳ ଭାଜପା କର୍ମକର୍ତ୍ତାଙ୍କୁ ନେଇ ଚିକିଣିଆ ପଞ୍ଚାୟତ ଏରଣ୍ଡପାଳଠାରେ ବୈଠକ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲା କର୍ମକର୍ତ୍ତା ମାନସ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ମଣ୍ଡଳ ସଭାପତି ଅଶୋକ ନାୟକ ପରିଚାଳନା କରିଥିଲେ। ମଣ୍ଡଳରେ ଥିବା ସମସ୍ତ ବୁଥ୍‌ରେ ନିର୍ବାଚନ କିପରି ଶାନ୍ତିଶୃଙ୍ଖଳାରେ କରାଯିବ, ଭୋଟରଙ୍କୁ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ବ୍ୟବସ୍ଥା ସମ୍ପର୍କରେ କିପରି ଅବଗତ କରାଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଭାଜପାର ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ସଂଯୋଜକ ଦିଲୀପ କୁମାର ସ୍ୱାଇଁ, ମଣ୍ଡଳରେ ଥିବା ବିଭିନ୍ନ ଗ୍ରାମରେ ପ୍ରଚାର ପ୍ରସାର ତଥା ବିଧାୟକ ପ୍ରାର୍ଥୀଙ୍କ ଘରକୁ ଘର ବୁଲିବା କାର୍ଯ୍ୟକ୍ରମ ସମ୍ପର୍କରେ ଧାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। କର୍ମକର୍ତ୍ତା ସୋମାଂଶୁ ଜେନା, ଲୋଭେନ୍ଦ୍ର ମିଶ୍ର, ଶରତ ସ୍ୱାଇଁ, ପ୍ରଭାତ ପଣ୍ଡା, ବଟକୃଷ୍ଣ ନାୟକ ପ୍ରମୁଖ ନିର୍ବାଚନ ପରିଚାଳନା କମିଟିର କାର୍ଯ୍ୟ ଓ ଏହାର ରୂପରେଖ ବାବଦରେ ଆଲୋଚନା କରିଥିଲେ। ଶେଷରେ ବିଧାୟକ ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇ ନିର୍ବାଚନ ଜିତିବା ସୁନିଶ୍ଚିତ କରିବାକୁ କର୍ମକର୍ତ୍ତାମାନେ ସଂକଳ୍ପ ନେଇଥିଲେ। ଜଗନ୍ନାଥ ବାରିକ, ପ୍ରେମାନନ୍ଦ ମହାପାତ୍ର, ନିହାର ଶତପଥୀ, ସୁଶାନ୍ତ ମହାନ୍ତି, ଦିବାକର ସାହୁ, ସଚ୍ଚିକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ସାଧାରଣ ଜ୍ଞାନ ପ୍ରତିଯୋଗିତା



ତିର୍ତ୍ତୋଲ, ୨୮।୩ (ଡି.ଏନ୍.ଏ.): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସାଗବାରିଆସ୍ଥିତ ମା'ଅମ୍ବିକାଇ ଠାକୁରାଣୀଙ୍କ ପ୍ରାଙ୍ଗଣରେ ତରଙ୍ଗ ସମାଜ କଲ୍ୟାଣ ଅନୁଷ୍ଠାନ ଆନୁକୂଲ୍ୟରେ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ତିରଣ ଜଗନ୍ନାଥପୁର ଉଚ୍ଚ ଇଂଲିଶ୍ ବିଦ୍ୟାଳୟ, ଖଡ୍ଗପୁର ସରସ୍ୱତୀ ଶିଶୁମନ୍ଦିର, ନରୁଆ ବାପୁଜୀ ଏମ୍‌ଇ ସ୍କୁଲ ଓ ଇବ୍ରିସିଂ ଜୟକୃଷ୍ଣ ବିଦ୍ୟାପୀଠର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଆଇନଜୀବୀ ବୈଷ୍ଣବ ଚରଣ ଦାସ ପରିଚାଳନା କରିଥିବାବେଳେ ସଂଗଠନର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତିଯୋଗୀମାନଙ୍କୁ ସାହିତ୍ୟ, ବିଜ୍ଞାନ, ଭୂଗୋଳ, ଇତିହାସ ଓ ପୌରାଣିକ କିମ୍ବଦନ୍ତୀ ଉପରେ ପର୍ଯ୍ୟବସିତ ସାଧାରଣ ଜ୍ଞାନ ସମ୍ବନ୍ଧୀୟ ପ୍ରଶ୍ନ ପଚରାଯାଇଥିଲା । ପରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରିଥିଲେ। ସଂଗଠନର ସମ୍ପାଦକ ଶ୍ୟାମସୁନ୍ଦର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ସୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ବସନ୍ତମଞ୍ଜରୀ ଦାସ, ଖବରଦାତା ସୁଶୀଲ କୁମାର ମହାନ୍ତି, ୱାର୍ଡସଭ୍ୟ ବସନ୍ତ କୁମାର ସ୍ୱାଇଁ, ଗୌରାଙ୍ଗ ଚରଣ ବାରିକ, ଜଗନ୍‌ମୋହନ ଖଣ୍ଡୁଆଳ, ବିଷ୍ଣୁଚରଣ ଲେଙ୍କା, ସୁରେନ୍ଦ୍ର ନାୟକ ଓ ବୈଦ୍ୟନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପ୍ରେମଚରଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏମ୍‌ପିଙ୍କ ଟିକେଟ କଟିବା ପରେ କୁଜଙ୍ଗ ଅନ୍ଧାର

- ୩୧ ଷ୍ଟ୍ରିଟ୍ ଲାଇଟ୍, ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଲାଇଟ୍ ବନ୍ଦ
- ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଦ୍ୟୁତ୍ ଦେୟ ବାକି
- ସାଧାରଣରେ ତୀବ୍ର ଅସନ୍ତୋଷ, ଆନ୍ଦୋଳନ ଚେତାବନୀ

କୁଜଙ୍ଗ,୨୮।୩(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଲୋକସଭା ଆସନ ନିମନ୍ତେ ବିଜେଡି ବୁଧବାର ଡା. ରାଜଶ୍ରୀ ମଲ୍ଲିକଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଏହାର ୨୪ଘଣ୍ଟା ନ ପୂରୁଣୁ ଗୁରୁବାର କୁଜଙ୍ଗରେ ଏକ କୌତୁହଳ ଘଟଣା ଦେଖିବାକୁ ମିଳିଛି। କୁଜଙ୍ଗ ବଜାର ଓ ତତ୍‌ସଂଲଗ୍ନ ଅଞ୍ଚଳରେ ଏମ୍‌ପି ପାଣ୍ଠିରେ ଲାଗିଥିବା ୩୧ଟି ଷ୍ଟ୍ରିଟ୍ ଲାଇଟ୍ ଓ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଲାଇଟ୍‌ଗୁଡ଼ିକ ଅଚାନକ ବନ୍ଦ କରିଦିଆଯାଇଛି। ଫଳରେ ସମଗ୍ର କୁଜଙ୍ଗ ଅଞ୍ଚଳ ଅନ୍ଧାର ହୋଇଯାଇଛି। ଏମପି ଡା. କୁଳମଣି ସାମଲଙ୍କୁ ଚଳିତଥର ବିଜେଡି ଟିକେଟ ନ ମିଳିବାରୁ ଏଭଳି ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଅଚାନକ ଭାବେ ସମଗ୍ର ଅଞ୍ଚଳକୁ ଅନ୍ଧାର କରିଦିଆଯିବା ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କୁଜଙ୍ଗର ବିବେକାନନ୍ଦ ଦାଶ, ରାମକୃଷ୍ଣ ବିଶ୍ୱାଳ, ରବି ନାୟକ, ମୀନକେତନ ସାହୁ, ଜବାହାର ମହାନ୍ତି ଓ ପାତନ ନାୟକ ପ୍ରମୁଖ ଏ ସମ୍ପର୍କରେ କୁଜଙ୍ଗ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି କନିଷ୍ଠ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ତେବେ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ହତାଶ କରାଯାଇଛି। ଏହି ଆଲୋକୀକରଣ ବାବଦରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଦ୍ୟୁତ୍ ଦେୟ ବାକିପଡିଛି। ଉକ୍ତ ଅର୍ଥ ପଇଠ କରାଯାଇ ନ ଥିବାରୁ ବିଦ୍ୟୁତ୍ କାଟି ଦିଆଯାଇଥିବା କୁହାଯାଉଛି।

ପ୍ରକାଶ ଯେ, କୁଜଙ୍ଗରେ ପୂର୍ବରୁ ମାତ୍ର ୫ଟି ଲାଇଟ୍ ପୋଷ୍ଟ ଥିଲା। ଏ ବାବଦ ବିଦ୍ୟୁତ୍ ଦେୟ କୁଜଙ୍ଗ ପଞ୍ଚାୟତ ସମିତି ପଇଠ କରୁଥିଲା। ମାତ୍ର ସାଧାରଣ ନିର୍ବାଚନ ପାଖେଇ ଆସିବାବେଳେ ସରକାରୀ ଦଳ ପକ୍ଷରୁ ଭେଳିକି ଦେଖାଇ ଏମପି ପାଣ୍ଠିରେ କୁଜଙ୍ଗ ଅଞ୍ଚଳକୁ ସମ୍ପୂର୍ଣ୍ଣ ଆଲୋକିତ କରାଯାଇଥିଲା। ବାଗୋଇ ଗ୍ରାମ ଛକଠାରୁ କୁଜଙ୍ଗ ବଜାର ପର୍ଯ୍ୟନ୍ତ ୩ କିମି ସମସ୍ତ ବିଦ୍ୟୁତ୍ ଖୁଣ୍ଟରେ ବଲ୍‌ବ ଲଗାଯାଇଥିଲା। ସେହିପରି କୁଜଙ୍ଗର ଚତୁଃପାର୍ଶ୍ୱ ବଳରାମପୁର, ନବାଡ଼ିଆ, ଜଗନ୍ନାଥପୁର, ଭଣ୍ଡୁଆ ଓ କୁଜଙ୍ଗ ବଜାରର ବିଭିନ୍ନ ଛକରେ ଏମପି ଲ୍ୟାଡ୍‌ରେ ୩୧ଟି ଲାଇଟ୍ ପୋଷ୍ଟ ଲଗାଯାଇଥିଲା। ବିଗତ ୭ମାସ ହେଲା ଏଗୁଡିକ ସେସୁ ଠିକାଦାରଙ୍କ ଦ୍ୱାରା ନିର୍ମାଣ କରାଯାଇ ବିଦ୍ୟୁତ ସଂଯୋଗ ଦିଆଯାଇଥିଲା। ବଜାର ଆଲୋକୀକଣ ଯୋଜନା ଲୋକଙ୍କ ମନକୁ ଛୁଇଁପାରିଥିଲା। ମାତ୍ର ଗୁରୁବାର ଅଞ୍ଚଳର ସମସ୍ତ ଲାଇଟ ପୋଷ୍ଟକୁ ଅନ୍ଧାର କରିଦିଆଯିବା ପରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏମପି ପାଣ୍ଠିରେ ଆଲୋକୀକରଣ ହେବା, ଡା.ସାମଲଙ୍କ ଟିକେଟ କଟିବା ଓ ଏହାର ୨୪ ଘଣ୍ଟା ନ ପୂରୁଣୁ ଏଭଳି ଭାବେ ଲାଇଟ୍‌ଗୁଡିକ କାଟି ଦିଆଯିବାକୁ ନେଇ ନାନା କଥା ଆଲୋଚନା ହେଉଛି। ଏ ସମ୍ପର୍କରେ ଏମ୍‌ପି ଡା. ସାମଲଙ୍କୁ ପଚାରିବାରୁ ସେ କହିଲେ ଯେ, ଲାଇଟ୍ କଟିଯିବା ସମ୍ପର୍କରେ ସେ କିଛି ଜାଣିନାହାନ୍ତି। ଏସବୁ ନିର୍ମାଣ କାର୍ଯ୍ୟ ସେସୁ କରିଥିଲା ଓ କାହିଁକି କଟିଲା ତାହା ସେସୁ କହିପାରିବ। କୁଜଙ୍ଗ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ପୁଲିନ କୁମାର ମଲ୍ଲ କହିଛନ୍ତି ଯେ, ପ୍ରତିବର୍ଷ ଆଲୋକୀକରଣ ବାବଦ ବିଦ୍ୟୁତ୍ ଦେୟ କୁଜଙ୍ଗ ପଞ୍ଚାୟତ ସମିତି ପଇଠ କରୁଥିଲା। କିନ୍ତୁ ମାର୍ଚ୍ଚ ମାସ ସୁଦ୍ଧା ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ରହିଛି। ଏହାର ବିଲ୍ ପଞ୍ଚାୟତ ସମିତିକୁ ପ୍ରଦାନ କରାଯାଇଥିଲା। କିନ୍ତୁ ଦେୟ ପଇଠ କରା ନ ଯିବାରୁ ବିଦ୍ୟୁତ୍ କାଟି ଦିଆଯାଇଛି। ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରେ ସେ କହିଲେ ଯେ, ବିଦ୍ୟୁତକରଣ ପାଇଁ ସେସୁର ବ୍ଲକ ସହ କ'ଣ ଚୁକ୍ତି ହୋଇଥିଲା ତାହା ସେ ଜାଣିନାହାନ୍ତି। କୁଜଙ୍ଗରେ ଏତେ ସଂଖ୍ୟାରେ ଲାଇଟ୍ ପୋଷ୍ଟ ଲାଗିବା ସମସ୍ତଙ୍କୁ ବିସ୍ମିତ କରୁଛି। ଏ ବାବଦ ଟଙ୍କା କିଏ ଦିଏ ତାହା ସେ ଜାଣନ୍ତି ନାହିଁ। ପୂର୍ବତନ ବିଡିଓ କେଉଁ ସୂତ୍ରରୁ ଟଙ୍କା ଆଣି ଦେଉଥିଲେ ତାହା ମଧ୍ୟ ସେ କହିପାରିବେ ନାହିଁ। ତେଣୁ କାହିଁକି ବିଦ୍ୟୁତ କଟାଗଲା ସେ ସମ୍ପର୍କରେ ସେ କୌଣସି ମତାମତ ଦେଇନାହାନ୍ତି। ତେବେ ସାଧାରଣରେ ଏଭଳି କାର୍ଯ୍ୟକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଆସନ୍ତାକାଲି ବିଦ୍ୟୁତ୍ ସଂଯୋଗ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି। ନିର୍ବାଚନ ଆଚରଣ ବିଧି ଲାଗୁହୋଇଥିବା ବେଳେ ଏଭଳି ବିଦ୍ୟୁତକାଟକୁ ନେଇ ନାନା କଥା କୁହାଯାଉଛି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଗଡିକୃଷ୍ଣ ଶତପଥୀ ଓ ଅନ୍ୟମାନେ।

# ଦାମ ମିଶିବାରୁ ଭାଜପା ଛାଡିଲେ ଗଡିକୃଷ୍ଣ

ପାରାଦୀପ, ୨୮।୩ (ସ୍ୱ.ପ୍ର.)

ବିଜେଡିରୁ ବହିଷ୍କୃତ ହୋଇଥିବା ବିଧାୟକ ଦାମୋଦର ରାଉତ ଚଳିତମାସ ୧୪ ତାରିଖରେ ଭାଜପାରେ ମିଶିବା ପରେ ଜଗତ୍‌ସିଂହପୁର ଜିଲା ରାଜନୀତି ଗୋଳମାଳିଆ ହୋଇଯାଇଛି। ଦାମଙ୍କ ମିଶ୍ରଣକୁ ନେଇ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଏରସମା ବାଲିକୁଦା ନିର୍ବାଚନମଣ୍ଡଳୀର ପ୍ରଭାରୀ ଗଡିକୃଷ୍ଣ ଶତପଥୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହ ସେ ଗତ ୨୨ରେ ଭାଜପାର ଏରସମା ବାଲିକୁଦା ପ୍ରଭାରୀ, କଟକ ଜିଲାର ପ୍ରଭାରୀ ପଦରୁ ଇସ୍ତଫା ଦେଇଥିଲେ। ଗୁରୁବାର ଦଳର ସମସ୍ତ ପଦପଦବୀ ଓ ପ୍ରାଥମିକ ସଦସ୍ୟ ପଦରୁ ମଧ୍ୟ ସେ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ର ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ପାଖକୁ ଇ-ମେଲ୍ ଯୋଗେ ପଠାଇଦେଇଛନ୍ତି। ଏଥିସହ ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ କରି ଦଳୀୟ ନେତୃତ୍ୱଙ୍କ ଉପରେ ବର୍ଷିଛନ୍ତି। ତାଙ୍କ ସହ ଥିବା କୃଷକ ମୋର୍ଚ୍ଚା ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ, ଲିଗାଲ ସେଲ ସଂଯୋଜକ ପ୍ରଶାନ୍ତ କୁମାର ଦାସ ମଧ୍ୟ ଦଳ ଛାଡିବା ସମ୍ପର୍କରେ ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଆଦର୍ଶରେ ଚାଲିଥିବା ସଂଗଠନ ଏବେ ଲକ୍ଷ୍ୟଠାରୁ ଦୂରେଇ ଯାଇଛି। ସର୍ବୋଚ୍ଚ ନେତା ବୋଲି କହୁଥିବା ନେତାମାନେ ଏବେ ଦଳକୁ ବ୍ୟବସାୟୀକରଣ କରିଦେଲେଣି। ୨୦୦୪ରୁ ସେ ଶୃଙ୍ଖଳିତ ଭାବେ ଦଳୀୟ କାର୍ଯ୍ୟକ୍ରମ କରିବା ସହ ପାରାଦୀପ ବିଧାୟକ ଦାମଙ୍କ ଦୁର୍ନୀତିଖୋର ନୀତି ବିରୋଧରେ ଲଢ଼େଇ କରୁଥିଲେ। ଏବେ ସେହି ନେତାଙ୍କୁ ଆଣି ଆମ ଉପରେ ଲଦିଦିଆଯାଇଛି। ତେଣୁ ଆଉ ଭାଜପାରେ ରହିବାକୁ ସେ ଅସମର୍ଥ ବୋଲି କହିଛନ୍ତି। ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ପଚାରିବାରେ ସେ କହିଲେ ଯେ ଶୁକ୍ରବାର ୧୫୦ରୁ ୨୦୦ ପ୍ରମୁଖ କର୍ମକର୍ତ୍ତା ବସି ପରବର୍ତ୍ତୀ ନିଷ୍ପତ୍ତି ନେବେ। ପରୋକ୍ଷରେ ସେମାନେ ବିଜେଡିରେ ସାମିଲ ହେବେ ବୋଲି ସୂଚନା ଦେଇଛନ୍ତି।



ତିର୍ତ୍ତୋଲ ତହସିଲଦାରଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ଗ୍ରାମବାସୀ।

# କେନାଲ ଅବରୋଧକରି ଗୃହନିର୍ମାଣ ଅଭିଯୋଗ

**ତହସିଲଦାରଙ୍କୁ ଦାବି ପତ୍ର ପ୍ରଦାନ**

ତିର୍ତ୍ତୋଲ, ୨୮।୩ (ଡି.ଏନ୍.ଏ.)

ତିର୍ତ୍ତୋଲ ତହସିଲ ଅନ୍ତର୍ଗତ ଶାରଳାରୋଡ ବଜାର ନିକଟ ତାଳଦଣ୍ଡା କେନାଲର ଉପଶାଖା କେନାଲକୁ ଅବରୋଧ କରି ଜଣେ ବ୍ୟକ୍ତି ଗୃହନିର୍ମାଣ କରୁଛନ୍ତି। ଏହାକୁ ବିରୋଧ କରି ବାଇଁଗୋଳ, ତେନ୍ତୁଳିପଦା ଓ ରଥିପୁର ଗ୍ରାମର ଚାଷୀଙ୍କ ପକ୍ଷରୁ ଗୁରୁବାର ତହସିଲଦାର ସୁଜାତା ପାତ୍ରଙ୍କୁ ଦସ୍ତଖତ ସମ୍ବଳିତ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। କେନାଲ ଅବରୋଧ ଦ୍ୱାରା ଚାଷଜମିକୁ ପାଣି ଯିବାରେ ଅସୁବିଧା ହେବ ବୋଲି ସେମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ଉପଶାଖା କେନାଲ ଉପରେ ଉପରୋକ୍ତ ଗ୍ରାମର ୨୦୦ ପରିବାର ନିର୍ଭର କରିଥାନ୍ତି। ଏହି କେନାଲ ଦ୍ୱାରା ସେମାନଙ୍କ ୫୦୦ ଏକର ଚାଷଜମିକୁ ଜଳସେଚନ କରାଯାଏ। ତେବେ ଶାଳିଜଙ୍ଗା ଗ୍ରାମର ଜଣେ ବ୍ୟକ୍ତି କିଛି ଦିନ ହେବ କେନାଲକୁ ଅବରୋଧ କରି ସେଠାରେ ସ୍ଥାୟୀ ଗୃହନିର୍ମାଣ କରୁଛନ୍ତି । ଏହାଦ୍ୱାରା ଏସବୁ ଗ୍ରାମର ଚାଷୀଙ୍କ ଜୀବନ ଜୀବିକା ପ୍ରଭାବିତ ହେବ ବୋଲି ସେମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ତୁରନ୍ତ କେନାଲ ଉପରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ସେମାନେ ତହସିଲଦାରଙ୍କୁ ଦାବି କରିଛନ୍ତି। କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଜନ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଅଭିଯୋଗ ପରେ ତହସିଲଦାର ପାତ୍ର ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ଘଟଣାର ତଦନ୍ତ କରିବା ଲାଗି ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ବିଜେଡି ଟିକେଟକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଟଣାଓଟରା**

# ନୂଆ ପ୍ରାର୍ଥୀ ସପକ୍ଷରେ କର୍ମୀ

ରଘୁନାଥପୁର,୨୮।୩(ଡି.ଏନ.ଏ.)

ନିର୍ବାଚନ ଯେତିକି ପାଖେଇ ଆସୁଛି ବିଜେଡି ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ସେତିକି ଉଷ୍ମ ହେବାରେ ଲାଗିଛି। ବିଜେଡିର ଗଡ କୁହାଯାଉଥିବା ରଘୁନାଥପୁର ବ୍ଲକରେ ବିଧାୟକ ପ୍ରାର୍ଥୀ ଟିକେଟକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଉଗ୍ରରୂପ ନେବାରେ ଲାଗିଛି। ହେଲେ ଏହାର କେତେକାଂଶରେ ଯବନିକା ବୁଧବାର ପଡିଥିଲା। ବିଧାୟିକା ଡା. ରାଜଶ୍ରୀ ମଲ୍ଲିକଙ୍କୁ ଜଗତ୍‌ସିଂହପୁର ଲୋକସଭା ପାଇଁ ଏମ୍‌ପି ପ୍ରାର୍ଥୀ ଘୋଷଣା ପରେ ଏହା ପ୍ରଶମିତ ହୋଇଛି। ହେଲେ ଦଳରେ ଥିବା ସାଧାରଣ କର୍ମୀମାନେ ଅଳିଆ ଭିତରେ ପଶିବାକୁ ପସନ୍ଦ ନ କରି ଦୁଇ ଆଶାୟୀ ଗୋଷ୍ଠୀଙ୍କୁ ବାଦ୍ ଦେଇ ନୂଆ ପ୍ରାର୍ଥୀ ସପକ୍ଷରେ ମତ ରଖିଛନ୍ତି।

ମଙ୍ଗଳବାର ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀଙ୍କ ନେତୃତ୍ୱରେ ପୁରଣ ଓଡପଡାଠାରେ ଶତାଧିକ ଦଳୀୟ କର୍ମୀ ତଥା ମହିଳା, ଯୁବ ଓ ଛାତ୍ର ଜନତାର କର୍ମକର୍ତ୍ତାମାନେ ଏକତ୍ରିତ ହୋଇଥିଲେ। ଏଥିରେ ସେମାନେ ଜିଲା ସଭାପତି ବିଷ୍ଣୁ ଦାସ କିମ୍ବା ତାଙ୍କ ପୁଅ ବିଜୟ ଶଙ୍କରଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିବେ ବୋଲି ରଣହୁଙ୍କାର ଦେଇଥିଲେ। ବୁଧବାର ଅନୁରୂପ ଭାବେ ବିଷ୍ଣୁଙ୍କ ସମର୍ଥକ ଗୋଷ୍ଠୀ କୁହାଯାଉଥିବା ପୂର୍ବତନ ବ୍ଲକ ଚେୟାରମ୍ୟାନ ରଜତ ପାତ୍ର ତାଙ୍କ ନୂଆପଡାଠାରେ ରାଜଶ୍ରୀ ଗୋଷ୍ଠୀଙ୍କୁ ଚ୍ୟାଲେଞ୍ଜ ଦେବାକୁ ଏକତ୍ରିତ ହୋଇଥିଲେ। ସେମାନଙ୍କ ମୁଖ୍ୟ ଏଜେଣ୍ଡା ଥିଲା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରୁ ବିଷ୍ଣୁଙ୍କୁ ପ୍ରାର୍ଥୀ କରାଯାଉ। ଅପରାହ୍ନରେ ତିର୍ତ୍ତୋଲ, ବିରିଡି ଓ ରଘୁନାଥପୁର ବ୍ଲକରେ ବିଷ୍ଣୁଙ୍କ ସପକ୍ଷବାଦୀ ଗୋଷ୍ଠୀର କର୍ମୀମାନେ ଏକତ୍ରିତ ହେଉଥିଲେ। ହଠାତ୍ ବିଧାୟିକା ଡା. ମଲ୍ଲିକଙ୍କୁ ଏମ୍‌ପି ଟିକେଟ୍ ଦିଆ ଯାଇଥିବା ପ୍ରଚାର ହେବା ପରେ ବୈଠକ ଏକ ପ୍ରକାର ଫସର ଫାଟି ଯାଇଥିଲା। ଯେଝା ବାଟରେ ଯିଏ ପଳାଇ ଯାଇଥିଲେ। ତେବେ ଦଳରେ ଏପରି ଗୋଷ୍ଠୀ ବିବାଦକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ସାଧାରଣ କର୍ମୀ। ଶୃଙ୍ଖଳିତ ଦଳରେ ବିଶୃଙ୍ଖଳିତ ଆଚରଣ କରୁଥିବା ଦୁଇ ଗୋଷ୍ଠୀଙ୍କୁ ରୋକ୍ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍ୟ ଜଣେ ପ୍ରାର୍ଥୀଙ୍କୁ ଚୟନ କରନ୍ତୁ ବୋଲି ସ୍ୱର ଉଠିଲାଣି। ୨୦୧୪ରେ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ରାଜନୀତି ସହ ଜଡିତ ନ ଥିବା ଡା. ମଲ୍ଲିକ ବିଜେଡି ଟିକେଟ ପାଇ ନିର୍ବାଚିତ ହୋଇଥିଲେ। ଚଳିତଥର ବିଜେଡି ସଭାପତି ପଟ୍ଟନାୟକ ସେହି ପନ୍ଥା ଅନୁସରଣ କରି ଗୋଷ୍ଠୀ ବିବାଦରୁ ଦୂରରେ ରହି ନୂତନ ପ୍ରାର୍ଥୀଙ୍କୁ ଟିକେଟ୍ ପ୍ରଦାନ ପାଇଁ ଦଳର ଶୁଭଚିନ୍ତକଙ୍କ ପକ୍ଷରୁ ଦାବି ହେଉଛି। ଯଦ୍ଦ୍ୱାରା କି ବାଦବିବାଦ ଅନେକ ମାତ୍ରାରେ ଦୂର ହୋଇପାରିବ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି।

# କୃଷି ସମବାୟ ସମିତିର ବାର୍ଷିକ ସଭା

ଏରସମା,୨୮।୩(ସ୍ୱ.ପ୍ର.)

ଏରସମା ବ୍ଲକ ଗଡ଼ହରିଶପୁର ପଞ୍ଚାୟତ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଗୁରୁବାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ସମିତିର ସଭାପତି ସୁଦର୍ଶନ ବେହେରାଙ୍କ ତତ୍ତ୍ୱାବଧାନ ଓ ରବୀନ୍ଦ୍ରନାଥ ଜାନାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଜଗତସିଂହପୁର କୃଷି ସମବାୟ ସମିତିର ଅତିରିକ୍ତ ରେଜିଷ୍ଟ୍ରାର ରଞ୍ଜନ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କୃଷିର ଉନ୍ନତିରେ ସମବାୟର ଭୂମିକା ସମ୍ପର୍କରେ କହିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ଭୀମସେନ ବିଶ୍ୱାଳ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଏରସମା ଶାଖାର ପରିଚାଳକ ଫକୀର ଚରଣ ସ୍ୱାଇଁ,ଏରସମା ଶାଖାର ସୁପରଭାଇଜର ଅଜୟ କୁମାର ସ୍ୱାଇଁ, ସମ୍ପାଦକ କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ।

**ପ୍ରାର୍ଥିପତ୍ର ଦାଖଲକୁ ଆଉ ୪ ଦିନ**

# ଭୁବନେଶ୍ୱର ଛାଡ଼ି ପାରୁନାହାନ୍ତି ନେତା

- ଛିଡୁନି ଟିକେଟ ଅଙ୍କ, ହୋଇପାରୁନି ପ୍ରାର୍ଥୀ ଚୟନ
- ନିର୍ବାଚନମଣ୍ଡଳୀରେ ଝଡ଼ ପୂର୍ବର ନୀରବତା

ଜଗତ୍‌ସିଂହପୁର ଅଫିସ,୨୮।୩

ଜଗତ୍‌ସିଂହପୁର ଲୋକସଭା ଆସନ ସମେତ ଜିଲାର ୪ ବିଧାନସଭା ଆସନ ପାଇଁ ଏପ୍ରିଲ୍ ୨୯ରେ ନିର୍ବାଚନ ହେବ। ଏଥିପାଇଁ ପ୍ରାର୍ଥିପତ୍ର ଦାଖଲ ସମୟ ଏପ୍ରିଲ ୨ରୁ ୯ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଛି। ଆଉ ମାତ୍ର ୪ ଦିନ ପରେ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହେବ। କିନ୍ତୁ ଏପର୍ଯ୍ୟନ୍ତ ପ୍ରମୁଖ ରାଜନୈତିକ ଦଳଗୁଡିକ ସବୁ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିପାରିନାହାନ୍ତି। ଆଶାୟୀମାନେ ଆଶା ଆଶଙ୍କାରେ ଅଛନ୍ତି। ନିର୍ବାଚନମଣ୍ଡଳୀରେ ଏବେ ଝଡ଼ ପୂର୍ବର ନୀରବତା ଭଳି ସ୍ଥିତି। କିଏ କେଉଁଠାରୁ ପ୍ରାର୍ଥୀ ହେବେ ତାହା ଘୋଷଣା ନ ହେବା ପର୍ଯ୍ୟନ୍ତ ଏଭଳି ପରିସ୍ଥିତି ଲାଗିରହିବ ବୋଲି କୁହାଯାଉଛି। ଏଥିଯୋଗୁ ସାଙ୍ଗଠନିକ କାର୍ଯ୍ୟ ମଧ୍ୟ ଆଗେଇପାରୁନାହିଁ। ଟିକେଟ ପାଇଁ ନେତା ଭୁବନେଶ୍ୱର ଛାଡ଼ିପାରୁ ନ ଥିବାବେଳେ ନିର୍ବାଚନମଣ୍ଡଳୀରେ ଶୂନ୍ୟତା ଲାଗିରହିଛି। ତଳସ୍ତରରେ କର୍ମୀ ଓ ନେତାମାନେ ମଧ୍ୟ ଦ୍ୱନ୍ଦ୍ୱରେ ପଡିଛନ୍ତି।

ବର୍ତ୍ତମାନ ସୁଦ୍ଧା ବିଜେଡି କେବଳ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। କିନ୍ତୁ ୪ ବିଧାନ ସଭା ଆସନରେ ଦଳ କାହାକୁ ପ୍ରାର୍ଥୀ କରିବ ତାହା ସ୍ଥିର କରିପାରୁନାହିଁ। ଏକାଧିକ ଆଶାୟୀ ଥିବାରୁ ପ୍ରାର୍ଥୀ ଚୟନ କରିବା ଦଳ ପାଇଁ ସହଜ ହେଉ ନ ଥିବା କୁହାଯାଉଛି। ସେହିପରି କଂଗ୍ରେସ କେବଳ ଜଗତ୍‌ସିଂହପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଲୋକସଭା ଓ ଅନ୍ୟ ୩ ବିଧାନ ସଭା ଆସନରେ ଦଳ ପ୍ରାର୍ଥୀ ଘୋଷଣା କରିପାରିନାହିଁ। ଭାଜପା ୨ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବାବେଳେ ଅବଶିଷ୍ଟ ୨ ବିଧାନ ସଭା ଓ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଚୟନ କରିପାରିନାହିଁ।

ଜଗତ୍‌ସିଂହପୁର ଏମ୍‌ପି ସିଟ୍ ପାଇଁ ବିଜେଡିରୁ ଅନେକ ଆଶାୟୀ ଥିଲେ ମଧ୍ୟ ଦଳ ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସରୁ ଏହି ଆସନ ପାଇଁ ୩ ଜଣ ଆଶାୟୀ ଅଛନ୍ତି। ସେମାନେ ହେଲେ ପୂର୍ବତନ ଏମ୍‌ପି ବିଭୂ ତରାଇ, ପ୍ରଶାନ୍ତ ମଲ୍ଲିକ ଓ ପ୍ରତିମା ମଲ୍ଲିକ। ତରାଇ କଂଗ୍ରେସର ଜଣେ ରାଜ୍ୟସ୍ତରୀୟ ନେତା ହୋଇଥିବାବେଳେ ପ୍ରଶାନ୍ତ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଅଛନ୍ତି। ପ୍ରତିମା ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଅଛନ୍ତି। ଦଳ ଯଦି ଏଠାରେ ମହିଳା ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ନିଏ, ତେବେ ପ୍ରତିମାଙ୍କୁ ସୁଯୋଗ ମିଳିପାରେ। ଭାଜପାରୁ ମଧ୍ୟ ୨ ଜଣ ଆଶାୟୀ ଅଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୨ ଥର ନିମାପଡ଼ା ବିଧାୟକ ହୋଇଥିବା ବାଇଧର ମଲ୍ଲିକ। ବିଧାନସଭା ଆସନକୁ ଦେଖିଲେ ଜଗତ୍‌ସିଂହପୁରରେ କଂଗ୍ରେସରୁ ଚିରଞ୍ଜୀବ ବିଶ୍ୱାଳ, ଭାଜପାରୁ ସତ୍ୟବ୍ରତ ମହାପାତ୍ରଙ୍କ ନାମ ଘୋଷଣା ହୋଇଛି। କିନ୍ତୁ ବିଜେଡିରୁ କିଏ ପ୍ରାର୍ଥୀ ହେବେ ସେ ଅଙ୍କ ଛିଡୁନି। ଆଶାୟୀ ତାଲିକାରେ ୪ ଜଣ ଅଛନ୍ତି। ସେମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଉମେଶ ସ୍ୱାଇଁ, ଜ୍ୟୋତିଷ ଦାସ ଓ ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅମରେନ୍ଦ୍ର ଦାସ ଅନ୍ୟତମ। ଏବେ ଆଉ ଜଣେ ପ୍ରଭାବଶାଳୀ ନେତାଙ୍କୁ ଏହି ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ କରାଯିବା ନେଇ ଦଳ ବିଚାର କରୁଛି। ସେ ହେଲେ ବାଲିକୁଦା-ଏରସମା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ ମୁଦୁଲି। ମୁଦୁଲିଙ୍କୁ ଜଗତ୍‌ସିଂହପୁରରୁ ପ୍ରାର୍ଥୀ କରିବାକୁ କାହିଁକି ଚିନ୍ତା କରାଯାଉଛି ତାହା କାହାରିକୁ ଅଛପା ନାହିଁ। ଦାମୋଦର ରାଉତ ଭାଜପାରେ ମିଶି ବାଲିକୁଦା-ଏରସମାରୁ ପ୍ରାର୍ଥୀ ହେବାକୁ ଚାହୁଁଥିବା ପ୍ରକାଶ କରିବାରୁ ସେଠାକାର ଭାଜପା ନେତା ରଘୁନନ୍ଦନ ଦାସ ବିଜେଡିରେ ମିଶିଥିଲେ। ବିଜେଡିରୁ ଉକ୍ତ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବା ସର୍ତ୍ତରେ ସେ ଦଳରେ ମିଶିଥିବା କହିଛନ୍ତି। ତେଣୁ ମୁଦୁଲିଙ୍କୁ ଜଗତ୍‌ସିଂହପୁରରୁ ପ୍ରାର୍ଥୀ କରାଯାଇପାରେ। କିନ୍ତୁ ଏଠାରେ ଜିଲା ବିଜେଡି ସଭାପତି ବିଷ୍ଣୁ ଚରଣ ଦାସଙ୍କ ସଙ୍ଗଠନ ଥିବାରୁ ମୁଦୁଲି ଆଗପଛ ହେଉଛନ୍ତି। ସେହିପରି ବାଲିକୁଦା-ଏରସମା ବିଧାନସଭା ଆସନରେ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ଓ ଏକାଧିକବାର ଜିଲା ପରିଷଦ ସଭ୍ୟ ହୋଇଥିବା ସାରଦା ଜେନାଙ୍କ ମଧ୍ୟରୁ କାହାକୁ ପ୍ରାର୍ଥୀ କରାଯିବ ତାହା କଂଗ୍ରେସ ସ୍ଥିର କରିପାରୁନାହିଁ। ତେବେ ଭାଜପା ଏଠାରେ ଦାମଙ୍କୁ ପ୍ରାର୍ଥୀ କରିଛି। ସେହିପରି ତିର୍ତ୍ତୋଲ ବିଧାନସଭା ଆସନ ପାଇଁ ଭାଜପା ରମାକାନ୍ତ ଭୋଇଙ୍କୁ ପ୍ରାର୍ଥୀ ଘୋଷଣା କରିସାରିଛି। ବିଜେଡିରୁ ଏଠାରେ ପ୍ରାର୍ଥୀ ହେବାକୁ ଜିଲା ସଭାପତି ଦାସଙ୍କ ସହ ବିଜୁ ମହିଳା ଜନତା ଦଳ ରାଜ୍ୟ ସଭାପତି ମୀନତି ବେହେରା ଲବିରେ ଥିବା କୁହାଯାଉଛି। ସେହିପରି କଂଗ୍ରେସର ଦେବେନ୍ଦ୍ର ମଲ୍ଲିକ, ପ୍ରତିମା ମଲ୍ଲିକଙ୍କ ମଧ୍ୟରେ ବୁଝାମଣା ହୋଇପାରୁନି। ପାରାଦୀପ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଚୟନ କରିବାକୁ ବିଜେଡି ଅପେକ୍ଷାକୃତ ଅଧିକ ଅଡୁଆରେ ଅଛି। ବାରବାଟୀ-କଟକ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ସମେତ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଏମ୍‌ପି କୁଳମଣି ସାମଲ ଓ ଦାମଙ୍କ ପୁଅ ସମ୍ବିତ ରାଉତରାୟ ଏଠାରେ ଦୌଡରେ ଅଛନ୍ତି। ସେମାନଙ୍କୁ ବୁଝାଶୁଝା କରିବାରେ ଦଳ ଏଯାଏ ସଫଳ ହୋଇପାରୁନି। ଅନୁରୂପ ଭାବେ କଂଗ୍ରେସ ଅରିନ୍ଦମ ସର୍ଖେଲ(ବାପି) ଓ ପ୍ରମୋଦ ଜେନାଙ୍କ ମଧ୍ୟରୁ କାହାକୁ ଟିକେଟ ଦେବ ସ୍ଥିର କରିପାରୁନି। ଏସବୁ ଭିତରେ ଗୋଟିଏ କଥା ନଜରକୁ ଆସୁଛି ୩ ପ୍ରମୁଖ ଦଳ ପରସ୍ପର ପ୍ରାର୍ଥୀ ଘୋଷଣାକୁ ଅପେକ୍ଷା କରିଛନ୍ତି।

# ଭାଜପା ପ୍ରାର୍ଥୀଙ୍କୁ ପୁରଣମଣ୍ଡଳରେ ସମ୍ବର୍ଦ୍ଧନା



ବିରିଡ଼ି,୨୮।୩(ଡି.ଏନ.ଏ)

ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇଙ୍କୁ ବିରିଡ଼ି ବ୍ଲକ ପୁରଣ ମଣ୍ଡଳ ତରଫରୁ ୨୨ ମୌଜା ପୁରଣ ବଜାର ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରଘୁନାଥ ଦାଶଙ୍କ ପ୍ରତିମୂର୍ତ୍ତୀ ନିକଟରେ ସମ୍ବର୍ଦ୍ଧନା ଦିଆଯାଇଛି। ମଣ୍ଡଳ ସଭାପତି ଆଲୋକ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଉପସଭାପତି ଦୀନବନ୍ଧୁ ସ୍ୱାଇଁ, ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ମିଶ୍ର, ଯୁବମୋର୍ଚ୍ଚା ସଭାପତି ସତ୍ୟ ପଟ୍ଟନାୟକ, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ରଶ୍ମୀରଞ୍ଜନ ଭୋଇ, ନରେନ୍ଦ୍ର ଭୋଇ, ଗୁଣନିଧି ସ୍ୱାଇଁ, ବସନ୍ତ ମହାନ୍ତି, ବିଭୁତି ଭୋଇ, ଅଭିରାମ ସାହୁ, ବିଭୂତି ଭୂୟାଁ, ଫକୀର ପାତ୍ରୀ, ବିଶ୍ୱଭୂଷଣ ମଲ୍ଲିକ, ମାନସ ବାରିକ, ହରିହର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭୋଇ ଭାଜପାର ବିଧାୟକ ଓ ଏମପି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ପରେ ଏକ ମୋଟରସାଇକେଲ ଶୋଭାଯାତ୍ରା କରାଯାଇଥିଲା।



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି, ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
- ସନ୍ଥ କବୀର ଦାସ



## ସଂକ୍ଷେପରେ

### ବିଞ୍ଝାରପୁର ବିଜେଡିରେ ଉତ୍ସାହ

ବିଞ୍ଝାରପୁର,୨୮।୩(ଡି.ଏନ୍.ଏ.): ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଞ୍ଝାରପୁର ବିଧାନସଭା ଆଶନ ପାଇଁ ପୁନର୍ବାର ପ୍ରମିଳା ମଲ୍ଲିକଙ୍କୁ ଦଳୀଳ ଟିକେଟ ପ୍ରଦାନ କରିଛନ୍ତି। ଏ ନେଇ ବିଞ୍ଝାରପୁର ବିଜେଡିକର୍ମୀ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ବୁଧବାର ସନ୍ଧ୍ୟାରେ ନାମ ଘୋଷଣା ହେବା ପରେ ନେତା ଓ କର୍ମୀ ବାଣ ଫୁଟାଇ ଖୁସି ମନାଇଥିଲେ। ପ୍ରକାଶ ଯେ, ପ୍ରମିଳା ଗତ ସାଧାରଣ ନିର୍ବାଚନରେ ବିଜେଡି ଟିକଟରେ ଲଢି ବହୁ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଦଳ ସଭାପତି ପୁଣି ଥରେ ତାଙ୍କୁ ସୁଯୋଗ ଦେଇଥିବାରୁ ବିଞ୍ଝାରପୁର ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲ, ଉପାଧ୍ୟକ୍ଷ କୁମୁଦିନି ଦାସ, ସଭାପତି ମୁରଲି ବେହେରା, ଅହଲ୍ୟା ସ୍ୱାଇଁ, ଖଗେଶ୍ୱର ମହାନ୍ତି, ରାମ ଚନ୍ଦ୍ର ବେହେରା, ଲାୟକ ଅଲ୍ଲି ଖାନ, କାମଦେବ ଧଳ, ଜିତେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁଖରଞ୍ଜନ ପରିଡା, ସୁସାନ୍ତ ରାଉତରାଏ, ଲେଲିନ ଦାସ, ହେମେନ୍ଦ୍ର ସାମଲ, ଦର୍ପନାରାୟଣ ଦାସ, ଅଶୋକ ସାହୁ, ନିତ୍ୟାନନ୍ଦ ରାଉତ, ମୋଜାହିଦ ଖାନ, ସୁମାନସ ପଣ୍ଡା, ଶ୍ୟାମଶୁନ୍ଦର ବେହେରା, ମୁକ୍ତାକାନ୍ତ ସାମଲ, ଗୋପବନ୍ଧୁ ଦାସ, ଦିଲୀପ ରାଉଳ, ରଞ୍ଜନ ଜେନା, ସୁବ୍ରତ କୁମାର ମିଶ୍ର, ପ୍ରାଣବନ୍ଧୁ ସତପଥୀ, ଏମଡି ସବିରଙ୍କ ସମେତ ବହୁ କର୍ମୀ କୃତଜ୍ଞତା ଜଣାଇଛନ୍ତି।

### ପତଞ୍ଜଳି ପକ୍ଷରୁ ଚିକିତ୍ସା ଶିବିର

ଧର୍ମଶାଳା,୨୮।୩(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ପୋଷ୍ଟ ଅଫିସ ଉପର ମହଲାରେ ପତଞ୍ଜଳି ଯୋଗ ପ୍ରଶିକ୍ଷଣ ଶିବିର ପକ୍ଷରୁ ଗୁରୁବାର ଏକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଡ. ମିଳନ ପ୍ରସାଦ ଦୁବେ ହରିଦ୍ୱାର୍ ଓ ଡ. ସିନ୍ଧୁନନ୍ଦିନୀ ସାହୁ ଯୋଗଦେଇ ୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ହରିଦ୍ୱାରର ପ୍ରମୋଦ ମଲିକ ଯୋଗଦେଇ ଯୋଗଶିକ୍ଷା ପ୍ରଦାନ କରିଥିଲେ। ଧର୍ମଶାଳା ପତଞ୍ଜଳି ଯୋଗ ସମିତି ଅଧକ୍ଷ ତ୍ରିଲୋଚନ ବିଶ୍ୱାଳ ଓ ମିନତୀ ସାହୁ ରୋଗୀଙ୍କୁ ସହାୟତା କରିଥିଲେ।

### ୧୭ବର୍ଷରେ ହନୁମାନ ସିଂ ପୂର୍ବକୋଟ ମେଳଣ

କୋରେଇ,୨୮।୩(ସ୍ୱ.ପ୍ର): କୋରେଇ ବ୍ଲକ କନ୍ତର ପଞ୍ଚାୟତ ପୂର୍ବକୋଟଠାରେ ବୁଧବାର ରାତିରେ ହନୁମାନ ସିଂ ପୂର୍ବକୋଟ ମେଳଣ ପାଳିତ ହୋଇଯାଇଛି। ଏହି ମେଳଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋରେଇ କଂଗ୍ରେସ ପ୍ରାର୍ଥୀ ବନ୍ଦିତା ପରିଡା, ସାମାଜିକ କର୍ମୀ ତଥା ଜିଲା କିନ୍ନର ସଂଘ ସଭାପତି କାଜଲ ନାୟକ, କିନ୍ନର ଲଭଲୀ ସାହୁ, ସାମାଜିକ କର୍ମୀ ପୀୟୁଷ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳଣ ଉତ୍ସବକୁ ମେଳଣ କମିଟି ସଭାପତି ପ୍ରଫୁଲ୍ଲ କୁମାର ନାୟକ, ଆବାହକ, କଟେଶ୍ୱର ରାଓ, ଉପଦେଷ୍ଟା ଭିକାରୀ ଚରଣ ବରାଳ, ସମ୍ପାଦକ ସାରଙ୍ଗ ପ୍ରଧାନ, ସଭ୍ୟ ତୁଷାର ରଞ୍ଜନ ନାୟକ, ସୁଧାଂଶୁ ବରାଳ, ଦିଲକ ନାୟକ, ରାମ ଭଞ୍ଜ ପ୍ରମୁଖ ଉପସ୍ଥିତ ରହି ମେଳଣ କର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

# ରୟତଙ୍କ ଜମିରେ ଚାଲିଛି ରେଲଲାଇନ କାର୍ଯ୍ୟ

## ■ କୋର୍ଟ କଚେରି ଦ୍ୱାରସ୍ଥ ହୋଇ ନିରାଶ କ୍ଷତିଗ୍ରସ୍ତ

ଯାଜପୁର ଅଫିସ,୨୮।୩

ନୀତିନିୟମ ଉଲ୍ଲଂଘନ ସତ୍ତ୍ୱେ ଶିଳ୍ପ କଳ କାରଖାନା କର୍ତ୍ତୃପକ୍ଷଙ୍କ ପ୍ରତି ସରକାର ଯେ, ସହାନୁଭୂତିଶୀଳ ଏକଥା ଟାଟା ଷ୍ଟିଲ କମ୍ପାନୀର କାର୍ଯ୍ୟଧାରାରୁ ପ୍ରମାଣିତ ହୋଇଯାଉଛି। କମ୍ପାନୀ ଇଙ୍ଗିତରେ ଠିକାସଂସ୍ଥା, ପ୍ରଶାସନ ଓ ପୋଲିସ ବଳପ୍ରୟୋଗ କରି ୩ଜଣ ପ୍ରଜାଙ୍କ ରୟତ ଜମିରେ ଟାଟା ଷ୍ଟିଲର ଦକ୍ଷିଣ ପାର୍ଶ୍ୱ ରେଲଲାଇନ କାର୍ଯ୍ୟ ଜୋର ଜବରଦସ୍ତ ଆରମ୍ଭ କରିଛି। ଏଠାରେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଟାଟା ଷ୍ଟିଲ୍ କର୍ତ୍ତୃପକ୍ଷ ରୟତି ଜମି ଉପରେ ସେମାନଙ୍କ ଦାଉ ସାଧି ଜମିର ହିଡ଼ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ସାଧାରଣ ରୟତ ଏହାର ବିରୋଧ କଲେ ସୁଦ୍ଧା ତାଙ୍କ କଥା କେହି ଶୁଣୁନାହାନ୍ତି। ଏହିକ୍ରମରେ ଯାଜପୁର ଜିଲା ଦାନଗଦୀ ତହସିଲ ମାନତିରା ମୌଜାର ରୟତ ସଂଯୁକ୍ତା ପରିଡା ତହସିଲଦାରଙ୍କ ଦ୍ୱାରସ୍ଥ ହେବା ସହିତ ଯଖପୁରା ଥାନାରେ ଏକ ମାମଲା ଦାୟର କରିଛନ୍ତି। କେବଳ ସଂଯୁକ୍ତା ନୁହନ୍ତି କେନ୍ଦୁଡିପି ଗ୍ରାମର ମଦନ ବାରିକ, ମାନତିରା ଗ୍ରାମର ଶିବସ୍ୱ ସାମଲ ପ୍ରମୁଖଙ୍କ ଜମିର ଉପଯୁକ୍ତ ମୂଲ୍ୟ ନ ଦେଇ

କଳିଙ୍ଗନଗର ଟାଟା ଷ୍ଟିଲ



ଟାଟା କମ୍ପାନୀ ଦଖଲ କରିବାକୁ ଉଦ୍ୟମ କରୁଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଟାଟା ଷ୍ଟିଲ କାରଖାନାର ସ୍ୱତନ୍ତ୍ର ରେଲଲାଇନ ରାବଣା ଓ ମାନତିରା ଗ୍ରାମଦେଇ ଯାଜପୁର-କେନ୍ଦୁଝରରୋଡ-କଟକ ମୁଖ୍ୟ ରେଳାଇନରେ ଦାମୋଦରପୁର ଗ୍ରାମ ନିକଟରେ ମିଶୁଛି। ଏଥିପାଇଁ କିଛି ରୟତଙ୍କ ଜମି ସହିତ ଗ୍ରାମର ସର୍ବସାଧାରଣଙ୍କ ବ୍ୟବହୃତ ରାସ୍ତା ମଧ୍ୟ ଦଖଲ କରାଯାଇଛି। ଦାମୋଦରପୁର ଗ୍ରାମର ବିଧବା ଅସହାୟ ମହିଳା ସଂଯୁକ୍ତା ତାଙ୍କ ସ୍ୱାମୀ ସହଦେବ ପରିଡା ଅନ୍ୟ ଅଂଶୀଦାରଙ୍କ ସହ ୧୯୮୦ ମସିହାରେ ମାନତିରା ମୌଜାର ୯୨ ଖାତା ନମ୍ବର, ୧୫୩୯ ପ୍ଲଟ ନମ୍ବରରେ ଏ୦.୩୦ ଡିସିମିଲ ଜମି କ୍ରୟ କରିଥିଲେ। ଏବେ ସଂଯୁକ୍ତା ଓ ଅନ୍ୟମାନେ ଉକ୍ତ ଜମି ଦଖଲଦାର ଅଛନ୍ତି। ଏହି ଜମିର ଖଜଣା ପାଉତି ସେ ନିୟମିତ ଭାବେ ଦେଇ ଆସୁଛନ୍ତି। ମାତ୍ର ଦଲିଲରେ ଭୂଲକ୍ରମେ ୯୫୬ ପ୍ଲଟ ନମ୍ବର ହୋଇଥିବାବେଳେ ଚଉଭେଦି ଠିକ୍ ରହିଥିବା ଜଣାପଡିଛି। ଏନେଇ ଅଭିଯୋଗ ହେବା ପରେ ସଂପୃକ୍ତ ରାଜସ୍ୱ ନୀରିକ୍ଷକ ଏହାର ତଦନ୍ତ କରିଥିଲେ। କିନ୍ତୁ ତଦନ୍ତରେ ପ୍ରଜାଙ୍କୁ କୌଣସି ନ୍ୟାୟ ନ ଦେଇ କମ୍ପାନୀବାଲାଙ୍କ ସପକ୍ଷରେ ରିପୋର୍ଟ ଦେଇଥିଲେ। ଆଜକୁ ୪୦ବର୍ଷ ହେବ ଏହାର ସଂଶୋଧନ କରିବାକୁ ସେ ନିବେଦନ କରି ଆସୁଛନ୍ତି। ହେଲେ କିଛି ସୁଫଳ ମିଳିନାହିଁ। ଶେଷରେ ଯାଜପୁରରୋଡ ସିଭିଲ ଜଜ୍‌ଙ୍କ ଅଦାଲତରେ ୨୯୨/୨୦୧୫ରେ ଏକ ମାମଲା ରୁଜୁ କରାଯାଇଛି, ଯାହାକି ବିଚରାଧୀନ ରହିଛି। କିନ୍ତୁ ଗତ ୨୩।୧।୨୦୧୯ ତାରିଖରେ ଗୁଣ୍ଡା ଶ୍ରେଣୀର ଲୋକ ଜୋର ଜବରଦସ୍ତ ତାଙ୍କ ଜମିର ହିଡ଼ ଭାଙ୍ଗି ଦେଇଥିଲେ। ଏହାକୁ ସଂଯୁକ୍ତା ବିରୋଧ କରିବାରୁ ତାଙ୍କୁ ଗାଳିଗୁଲଜ କରି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ଯଖପୁରା ଥାନାରେ ଅଭିଯୋଗ ହୋଇଛି। ଏନେଇ ଯଖପୁରା ଥାନାରେ ଆଇପିସି ଦଫା ୪୪୭/୨୯୪/୫୦୬/୩୪ ରେ ୪ଜଣଙ୍କ ନାମରେ ଏକ ମାମଲା(ନମ୍ବର-୬/୨୦୧୯) ରୁଜୁ ହୋଇଛି । ହେଲେ ସଂପୃକ୍ତ ଅଭିଯୁକ୍ତମାନେ ରାଜନୈତିକ ଛତ୍ରଛାୟା ତଳେ ରହିଥିବାରୁ ଥାନା କର୍ତ୍ତୃପକ୍ଷ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଟାଟା କମ୍ପାନୀ ପ୍ରୋତ୍ସାହନରେ ଏପରି କରାଯାଉଥିବା ସଂଯୁକ୍ତା ଓ ତାଙ୍କ ପରିବାରବର୍ଗ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ତୁରନ୍ତ ନ୍ୟାୟ ନ ମିଳିଲେ ପ୍ରଶାସନ ନିକଟରେ ଆତ୍ମାହୁତି ଦେବେ। ଅପରପକ୍ଷରେ ଶ୍ରୀବସ୍ୱ ଓ ମଦନଙ୍କ ଜମିର ଉଭୟ ପାର୍ଶ୍ୱରେ ଟାଟା କମ୍ପାନୀର ରେଲଲାଇନ ବିଛା ଯାଉଥିବାରୁ ସେମାନେ ଚାଷ କାର୍ଯ୍ୟ କରିପାରୁ ନାହାନ୍ତି ବୋଲି କହିଛନ୍ତି। ଶାଗମାଛ ଦରରେ କ୍ଷତିପୂରଣ ଦେଇ ସେହି ଜମିକୁ ହଡ଼ପ କରିବାକୁ କମ୍ପାନୀ ମସୁଧା କରୁଥିବା ସେମାନେ ସୂଚନା ଦେଇଛନ୍ତି। ଟାଟା କମ୍ପାନୀ ବାର୍ଷିକ ୩ ରୁ ୮ ନିୟୁତ ମେଟ୍ରିକ ଟନ୍ ପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟ ଜାରି ରଖିଛି। କିନ୍ତୁ କ୍ଷତିଗ୍ରସ୍ତ ପ୍ରଜାଙ୍କୁ କ୍ଷତିପୂରଣ ଓ ନିଯୁକ୍ତି ଦେବାକୁ କୌଣସି ଆଗ୍ରହ ପ୍ରକାଶ କରୁନାହିଁ। ବିସ୍ଥାପନ ପ୍ରକ୍ରିୟା ଓ ବିସ୍ଥାପିତଙ୍କୁ ଶିଳ୍ପାୟନ ଦ୍ୱାରା ଲାଭାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ଘୋଷିତ ଥଇଥାନ ନୀତି ଓ ପାରିପାର୍ଶ୍ୱିକ ଉନ୍ନୟନକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଅସହାୟ କ୍ଷତିଗ୍ରସ୍ତଙ୍କୁ ଉପେକ୍ଷା କରିବା ଶିଳ୍ପାୟନ ପ୍ରତି ପ୍ରତିକୂଳ ମତର ମୁଖ୍ୟ କାରଣ ହୋଇଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଟାଟା ଷ୍ଟିଲର ଜେନେରାଲ ମ୍ୟାନେଜର ପ୍ରଶାନ୍ତ ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ଜମି ମାଲିକାନାକୁ ନେଇ ବିବାଦ ଥିବାରୁ କମ୍ପାନୀ କାହାଠାରୁ ଜମି କିଣିବ ସେନେଇ ନିଷ୍ପତ୍ତି ନିଆଯାଇ ପାରି ନାହିଁ। ଏପରିକି ଉକ୍ତ ଜମି ବିବାଦକୁ ନେଇ କୋର୍ଟରେ ମାମଲା ବିଚାରାଧୀନ ଥିବାରୁ କାମକୁ ବନ୍ଦ କରାଯାଇଛି। ଅପରପକ୍ଷରେ ମଦନ ବାରିକ ଓ ଶ୍ରୀବସ୍ୱ ସାମଲଙ୍କ ଠାରୁ କମ୍ପାନୀ ଜମି କିଣିବାକୁ ଚାହୁଁଥିଲେ ସୁଦ୍ଧା ସେମାନେ ସହଯୋଗ କରୁ ନ ଥିବା ମଲ୍ଲିକ କହିଛନ୍ତି।

# ଅବସରପ୍ରାପ୍ତ ସେନା କର୍ମଚାରୀଙ୍କଠାରୁ ଲୁଟ୍

ରସୁଲପୁର,୨୮।୩(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାର ଦୈନିକ ପରିବା ବଜାର ନିକଟରୁ ଗୁରୁବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଅବସରପ୍ରାପ୍ତ ସେନା କର୍ମଚାରୀ ଅଜୟ ମହାପାତ୍ରଙ୍କ ସ୍କୁଟି ଡିକି ଭାଙ୍ଗି ଲୁଟ ହୋଇଛି। ଦୁର୍ବୃତ୍ତମାନେ ନଗଦ ୬୦ହଜାର ଟଙ୍କା ସହ ଡିକିରେ ଥିବା ପରିବାର ସଦସ୍ୟଙ୍କ ୪ଟି ଆଧାରକାର୍ଡ, ୨ଟି ଏଟିମ କାର୍ଡ, ୫ଟି ଡାକ ପାଶବୁକ, ଆର୍ମି କ୍ୟାଣ୍ଟିନ୍ କାର୍ଡ ଆଦି କେତେକ ଦରକାରୀ କାଗଜ ପତ୍ର ମଧ ଲୁଟି ନେଇଛନ୍ତି। ଏନେଇ ମହାପାତ୍ର କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି । ମହାପାତ୍ରଙ୍କ ଘର ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ନିକଟସ୍ଥ ଜାଲଶୁଖା ଅଞ୍ଚଳରେ ବୋଲି ଜଣାପଡିଛି । ଅଭିଯୋଗ ମୁତାବକ ପୋଲିସ ଏକ ମାମଲା(ନଂ-୮୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ମିଥ୍ୟା ସ୍ୱାସ୍ଥ୍ୟଗତ ପ୍ରମାଣପତ୍ର ଦେଇ ଅଡୁଆରେ ୮୫ କର୍ମଚାରୀ

ଯାଜପୁର ଅଫିସ,୨୮।୩

ମିଥ୍ୟା ସ୍ୱାସ୍ଥ୍ୟଗତ ରିପୋର୍ଟ ଦାଖଲ କରି ୮୫ଜଣ କର୍ମଚାରୀ ଅଡୁଆରେ ପଡ଼ିଛନ୍ତି। ନିର୍ବାଚନରେ ନିୟୋଜିତ ପୋଲିଂ ଅଫିସର ଯେଉଁମାନେ ସ୍ୱାସ୍ଥ୍ୟ ଗତ କାରଣରୁ ନିର୍ବାଚନ ପରିଚାଳନା କରିପାରିବେ ନାହିଁ ବୋଲି ଜିଲାପାଳଙ୍କୁ ପୂର୍ବରୁ ଅବଗତ କରାଇଥିଲେ। ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ମେଡ଼ିକାଲ ବୋର୍ଡ ମାଧ୍ୟମରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିରେ ମୋଟ ୧୨୧ଆବେଦନକାରୀଙ୍କ ମଧ୍ୟରୁ ୩୬ଜଣଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ନିର୍ବାଚନ କାର୍ଯ୍ୟରୁ ଅବ୍ୟାହତ ଦିଆଯାଇଛି। ବାକି ୮୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ନିର୍ବାଚନ କାର୍ଯ୍ୟ ପରିଚାଳନାରେ ସେମାନଙ୍କ ସମସ୍ୟା ନାହିଁ ବୋଲି ମେଡ଼ିକାଲ ବୋଡ଼ ଜିଲାପାଳଙ୍କୁ ରିପୋର୍ଟ ଦେଇଛନ୍ତି। ତେବେ ମିଥ୍ୟା ସ୍ୱାସ୍ଥ୍ୟଗତ ପ୍ରମାଣପତ୍ର ଦେବା ଅଭିଯୋଗରେ ସେମାନଙ୍କ ବିରୋଧରେ ନିର୍ବାଚନ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ନିର୍ଦ୍ଦେଶ ଦେଇଛନ୍ତି।

# ରକ୍ତଦାନ ଶିବିର

ଧର୍ମଶାଳା,୨୮।୩(ଡି.ଏନ୍.ଏ.)

ଧର୍ମଶାଳା ମୁନ୍‌ସୀମେଳଣ କମିଟି ପକ୍ଷରୁ ଆସନ୍ତା ୧ ତାରିଖ ସୋମବାର ଧର୍ମଶାଳା ଥାନା ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ପୂର୍ବବର୍ଷ ପରି ଚଳିତ ବର୍ଷ ବହୁ ସଂଖ୍ୟାରେ ରକ୍ତଦାତା ଯୋଗଦେଇ ରକ୍ତଦାନ କରିବାକୁ ମେଳଣ କମିଟି ପକ୍ଷରୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନକୁ ଅନୁରୋଧ କରାଯାଇଛି। ଏ ନେଇ କମିଟି ସଭାପତି ତଥା ଥାନା ଅଧିକାରୀ ସରୋଜ କୁମାର ସାହୁ ଓ ସମ୍ପାଦକ ଜଳଧର ମହାନ୍ତି ସୂଚନା ଦେଇଛନ୍ତି।

# ଶିଶୁ ପରିଚର୍ଯ୍ୟାକାରୀ କର୍ମକର୍ତ୍ତାଙ୍କ ତାଲିମ ଶିବିର




ଶିବିରରେ ଉପସ୍ଥିତ ଅତିଥି।

ଯାଜପୁର ଅଫିସ,୨୮।୩

ବାଳାଶ୍ରମ ବା ଶିଶୁ ପରିଚର୍ଯ୍ୟାକାରୀ ଅନୁଷ୍ଠାନର ଅନ୍ତେବାସୀଙ୍କୁ ଉପଯୁକ୍ତ ପରିବେଶରେ ଗଢ଼ିଲେ ସେ ସମାଜ ପାଇଁ ଏକ ବିପୁଳ ସମ୍ବଳରେ ପରିଣତ ହୋଇପାରିବ ବୋଲି ଏସ୍‌ସିବିର ସର୍ଜରୀ ବିଭାଗର ପୂର୍ବତନ ମୁଖ୍ୟ ଚିକିତ୍ସକ ପ୍ରଫୁଲ୍ଲ କୁମାର ମହାପାତ୍ର ମତବ୍ୟକ୍ତ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଯାଜପୁର ଆଙ୍କୁଲାସ୍ଥିତ କଫି ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଜିଲା ଶିଶୁ ସୁରକ୍ଷା ୟୁନିଟ, ମହିଳା ଶିଶୁ ବିଭାଗ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ଶିଶୁ ପରିଚର୍ଯ୍ୟାକାରୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ନିମନ୍ତେ ଦୁଇଦିନିଆ ଅଭିମୁଖୀକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମହାପାତ୍ର ଉଦ୍‌ଘାଟନ କରିବା ସହ ଅନୁଷ୍ଠାନର ସମସ୍ତ ଅଧିକାରୀ ଓ କର୍ମଚାରୀ ସମର୍ପିତ ଭାବେ କାର୍ଯ୍ୟ କରିବା ଜରୁରୀ ବୋଲି କହିଥିଲେ। ନିଜେ ମଧ ଯାଜପୁର ବାଳାଶ୍ରମରେ ରହି ପାଠ ପଢି କିପରି ସେ ସଂଘର୍ଷ ମାଧ୍ୟମରେ ଜୀବନରେ ସଫଳ ହୋଇଛନ୍ତି ତାହାକୁ ସେ ବର୍ଣ୍ଣନା କରିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ମୁଖ୍ୟବକ୍ତା, ଜିଲା ସମାଜ କଲ୍ୟାଣ ଅଧିକାରୀ ମଞ୍ଜୁଳା ରଥ, ଜିଲା ଶିଶୁ ମଙ୍ଗଳ କମିଟର ଅଧକ୍ଷା ରୀତା ବେହେରା ପ୍ରମୁଖ ଯୋଗଦେଇ ଶିଶୁର ବୌଦ୍ଧିକ ଓ ଚାରିତ୍ରିକ ବିକାଶ, ଶୃଙ୍ଖଳା ଓ ସଂସ୍କାର ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ବିଷୟ ବିଷାରଦ କଲ୍ୟାଣକିଶୋର ମହାନ୍ତି, ଜିଲା ନୀରିକ୍ଷକ କମିଟି ସଦସ୍ୟ ଯାଜ୍ଞସେନୀ ମହାନ୍ତି, ଆଇନ ବିଷାରଦ ତପନ ପଣ୍ଡା ଶିଶୁ ଅଧିକାର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିଶୁ ସୁରକ୍ଷାର ବରିଷ୍ଠ କର୍ମଚାରୀ କାଳୀପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ଟିକେଟ ଘୋଷଣା ପରେ ସମର୍ଥକଙ୍କ ମଧ୍ୟରେ ଉତ୍ସାହ

ରସୁଲପୁର/ଧର୍ମଶାଳା , ୨୮।୩(ଡି.ଏନ୍.ଏ.)

ବିଜେଡି ପକ୍ଷରୁ ୪ର୍ଥ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣା ବୁଧବାର କରାଯାଇଛି। ଏହି କ୍ରମରେ ଯାଜପୁର ଜିଲାର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଧର୍ମଶାଳା, ସୁକିନ୍ଦା, ବିଞ୍ଝାରପୁର ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଟିକେଟ ଘୋଷଣା ହେବା ପରେ ପ୍ରାର୍ଥୀଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ସମର୍ଥକମାନେ ବିଭିନ୍ନ ସ୍ଥାନରେ ବାଣ ଫୁଟାଇ ଖୁସି ମନାଇଛନ୍ତି । ଏଥିରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ଆଗରେ ରହିଛି। ଏହି ନିର୍ବାଚନମଣ୍ଡଳୀରେ ଏକ ପ୍ରକାର ଅଦିନିଆ ଦୀପାବଳି ପରିସ୍ଥିତି ଉପୁଜିଛି। ଅତ୍ୟଧିକ ବାଣ ଫୁଟିବା ସହ ଉଚ୍ଚଶବ୍ଦ ସୃଷ୍ଟିକାରୀ ଆତସବାଜି ଜରିଆରେ ସମାଜରେ ଆତଙ୍କ ସୃଷ୍ଟି କରାଯାଉଛି। ବିଶେଷକରି ବିରୋଧୀଙ୍କୁ ଭୟଭୀତ କରିବା ପାଇଁ ସମର୍ଥକମାନେ ବାଣକୁ ଅସ୍ତ୍ର କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଏଦିଗରେ ବିଭିନ୍ନ ଛକ ବଜାରରେ ଆଲୋଚନା ହେଉଛି। ଖୁସି ମନାଇବା ସମସ୍ତଙ୍କ ଅଧିକାର ହେଲେ ତାହା କାହା ପାଇଁ ଅସୁବିଧା ସୃଷ୍ଟି ନ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତପୋଷଣ କରିଛନ୍ତି।

ଧର୍ମଶାଳା ପାଇଁ ବିଜେଡି ଟିକେଟ ଘୋଷଣା ହେବାପରେ ବିଧାୟକ ପ୍ରଣବ କୁମାର ବଳବନ୍ତରାଏଙ୍କ ସମର୍ଥକଙ୍କମାନେ ଖୁସି ମନାଇଥିଲେ। ଗତ କିଛିଦିନ ଧରି ବିଜେଡି ଟିକେଟକୁ ନେଇ କଳ୍ପନାଜଳ୍ପନା ଜାରି ରହିଥିଲା। ଏଥର ଦୁର୍ନୀତି ଆଧାରରେ ପ୍ରଣବଙ୍କ ଟିକେଟ କଟିବ ବୋଲି ବିରୋଧୀ ପ୍ରଚାର କରୁଥିଲେ। ତେଣୁ ଦଳ ଟିକେଟ ଘୋଷଣାରେ ବିଳମ୍ବ କରିବାରୁ ବିଧାୟକଙ୍କ ସମର୍ଥକଙ୍କ ମଧ୍ୟରେ ଶଙ୍କା ପ୍ରକଟିତ ହୋଇଥିଲା। ତେବେ ବିଜେଡିର ତୃତୀୟ ପର୍ଯ୍ୟାୟ ଟିକେଟ ଘୋଷଣାରେ ପ୍ରଣବଙ୍କୁ ଟିକେଟ ମିଳିଥିଲା। ଏଥିରେ ସମର୍ଥକମାନେ ଖୁସିରେ ବିଭୋର ହୋଇଯାଇଥିଲେ। ଗତକାଲି ସନ୍ଧ୍ୟାରେ ବାଣ ଫୁଟାଇ ଖୁସି ମନାଇଥିଲେ। ବାଣ ଫୁଟାଇବା ସମୟରେ ବିଧାୟକଙ୍କ ସମର୍ଥକମାନେ ବିରୋଧୀଙ୍କୁ ନିଶାନା କରିଥିଲେ । ବିରୋଧୀଙ୍କ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନ ସମ୍ମୁଖରେ ବାଣ ଫୁଟାଇ ଆତଙ୍କିତ କିରିବାକୁ ପ୍ରୟାସ କରିଥିଲେ। ଏଥିସହ ଅତ୍ୟଧିକ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟିବା ସହ ଶବ୍ଦ ପ୍ରଦୂଷଣ ହେଉଛି। ଏଭଳି ଘଟଣା ପ୍ରତି ପୋଲିସ ପ୍ରଶାସନ ଏକ ପ୍ରକାର ଆଖିବୁଜି ଦେଇଛି। ପୋଲିସର ନିଷ୍କ୍ରିୟତାରୁ ବିଶୃଙ୍ଖଳାକାରୀ ଫାଇଦା ନେଉଛନ୍ତି ବୋଲି ଆଲୋଚନା ହେଉଛି। ଏ ଦିଗରେ ପୋଲିସ ନିଜ ଆଡୁ କୌଣସି ପଦକ୍ଷେପ ନେବା ପରିବର୍ତ୍ତେ ଅଭିଯୋଗ ଆସିଲେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

# ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ଦାବିରେ ବଜାର ବନ୍ଦ

ଧର୍ମଶାଳା,୨୮।୩(ଡି.ଏନ୍.ଏ.)

ଯାଜପୁର ଜିଲା ୧୬ନଂ ଜାତୀୟ ରାଜପଥର ଜାରକାଠାରେ ଏକ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ଦାବିରେ ଗୁରୁବାର ଜାରକା, ଧର୍ମଶାଳ, କାଏମା, ନାକପୋଲଠାରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ଧର୍ମଶାଳା ଉନ୍ନୟନ କମିଟି ଆହ୍ୱାନରେ ଏହି ବନ୍ଦ ଡାକରା ଦିଆଯାଇଥିଲା। ଏ ନେଇ ଜାରକା ବଜାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିବା ସହିତ ସ୍କୁଲ ଓ କଲେଜ ବନ୍ଦ ରହିଥିଲା। ବନ୍ଦବେଳେ କମିଟି ପକ୍ଷରୁ ଜାରକା ବସ୍ ଷ୍ଟାଣ୍ଡରେ ଏକ ସର୍ବଦଳୀୟ ପ୍ରତିବାଦ ସଭା କରାଯାଇଥିଲା। ଉନ୍ନୟନ କମିଟି ସଭାପତି ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଯାଜପୁର ଏମ୍‌ପି ରୀତା ତରାଇ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ପୂର୍ବତନ ବିଧାୟକ ରବି ଲାବଣ୍ୟ, ଭାଜପା ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡା, କଂଗ୍ରେସ ନେତା କିଷାନ ପଣ୍ଡା, ବ୍ଲକ ଅଧକ୍ଷ ପ୍ରଭାତ ବଳବନ୍ତରାୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମାକାନ୍ତ ଜେନା, ସଂଗ୍ରାମ ଜେନା, ଅଖିଳ ସ୍ୱାଇଁ, ମାନସ ରଞ୍ଜନ ଜେନା, ରାମଚନ୍ଦ୍ର ସାହୁ, ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ଶ୍ରୀକାନ୍ତ ସାହୁ, ଯୁଧିଷ୍ଠିର ସ୍ୱାଇଁ, ଜଳଧର ସାହୁ, କାହ୍ନୁ ଚରଣ ଦାଶ, ଅମିୟ ପରିଡା,




ସଭାରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

ଅଶୋକ ସାହୁ ପ୍ରମୁଖଙ୍କ ସମେତ ବହୁ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ତୁରନ୍ତ ଜାରକାଠାରେ ଏକ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ କରିବାକୁ ଦାବି କରିଥିଲେ। ପରେ ୧୬ନଂ ଜାତୀୟ ରାଜପଥକୁ କିଛି ସମୟ ପାଇଁ ଅବରୋଧ କରାଯାଇଥିଲା । ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ଓ ଥାନା ଅଧିକାରୀ ସରୋଜ କୁମାର ସାହୁ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏଥିସହ କମିଟି ପକ୍ଷରୁ ଦିଆଯାଇଥିବା ଦାବିପତ୍ରକୁ ଜିଲାପାଳ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପ୍ରେରିତ କରିବା ସହିତ ରାସ୍ତାକାମ ବନ୍ଦ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ଏହି ଆନ୍ଦୋଳନରେ ଦଳମତ ନିର୍ବିଶେଷରେ ସବୁ ବର୍ଗର ଲୋକ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରକାଶ ଯେ, ୨୦୦୦ ମସିହାରେ ୧୬ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ସମୟରେ ଯାତାୟାତ ପାଇଁ ଏଠାରେ ଏକ ଛୋଟ ଗଳିପୋଲ ନିର୍ମାଣ କରାଯାଇଥିଲା। ଗଳିପୋଲ ଦେଇ ଯାତାୟାତରେ ବହୁ ଅସୁବିଧା ସୃଷ୍ଟି ହେଉଛି। ଏହାକୁ ନେଇ ବାରମ୍ବାର ଦାବି କରାଯାଇଥିଲେ ମଧ କର୍ତ୍ତୃପକ୍ଷ ଅଣଦେଖା କରି ଚାଲିଛନ୍ତି। ଏହାର ପ୍ରତିବାଦରେ କମିଟି ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ତେବେ ଫ୍ଲାଇ ଓଭର ବ୍ରିଜ ନିର୍ମାଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି କମିଟି ପକ୍ଷରୁ ଚେତାବନୀ ଦଆଯାଇଛି।

# ନିର୍ବାଚନକୁ ପ୍ରଭାବିତ କରିବ ଚାଷୀଙ୍କ କଠୋର ଆଭିମୁଖ୍ୟ

ଯାଜପୁର ଅଫିସ,୨୮।୩

ରାଜ୍ୟରେ ଦ୍ରୁତ ବିକାଶ ଆଳରେ ନବୀନ ସରକାର ଯେଭଳି ଶିଳ୍ପାୟନ ପ୍ରତି ଗୁରୁତ୍ୱାରୋପ କରି କୃଷି ପ୍ରତି ଅବହେଳା କରିଛନ୍ତି ତାହାର ପ୍ରଭାବ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳୁଛି। ବିଶେଷକରି ଶିଳ୍ପ କବଳିତ ଯାଜପୁର ଜିଲାରେ ଏହାର ଗଭୀର ପ୍ରଭାବ ଦେଖିବାକୁ ମିଳିଛି। କୃଷି ବିନାଶରେ ଶିଳ୍ପର ବିକାଶକୁ ସତେ ଯେପରି ମହାମନ୍ତ୍ର ଭାବି ଜପି ଚାଲିଛନ୍ତି ରାଜ୍ୟ ସରକାର। ଆଉ ନବୀନ ବାବୁଙ୍କ ମିଶନକୁ ବିରୋଧ କରିବାର ସାହାସ ଜୁଟାଇ ପାରୁ ନ ଥିବା ଦଳର ନେତାଏ ଏବେ ନିଜର ଭବିଷ୍ୟତ ଅସୁରକ୍ଷିତ ବଳୟକୁ ଟାଣି ହେଉଥିବା ଚିନ୍ତାରେ ପଡି ଯାଇଛନ୍ତି। ବିଶେଷ କରି ସରକାରଙ୍କ ଶିଳ୍ପ ପ୍ରୀତି ଓ ଚାଷୀଙ୍କ ପ୍ରାଇସ, ପ୍ରେଷ୍ଟିଜ ଓ ପେନ୍‌ସନ ଦାବିକୁ ନେଇ ଜିଲାର ଚାଷୀଙ୍କ ମଧ୍ୟରେ ଦେଖା ଦେଇଥିବା ସରକାର ବିରୋଧୀ ଆଭିମୁଖ୍ୟ ଚଳିତ ନିର୍ବାଚନରେ ଏଅଞ୍ଚଳର ରାଜନୀତିକୁ ବହୁଳ ଭାବରେ ପ୍ରଭାବିତ କରିବ ବୋଲି ମତ ପ୍ରକାଶ ପାଇଛି।

ଯାଜପୁର ଜିଲାର ଧର୍ମଶାଳା, ରସୁଲପୁର, ବଡ଼ଚଣା, ବରୀ ଅଞ୍ଚଳରେ ଦଳମତ ନିର୍ବିଶେଷରେ ଶକ୍ତିଶାଳୀ ଚାଷୀ ସଂଗଠନ ଗଢ଼ିଉଠିଛି। ପ୍ରଶାସନିକ ଅବହେଳା କାରଣରୁ



ପ୍ରତିବର୍ଷ ଅଭାବି ବିକ୍ରୀ, ଦଲାଲଙ୍କ ଜରିଆରେ ଧାନ କିଣା, ମିଲର୍ସଙ୍କ ମନମାନୀ ଆଦି ଚାଷୀକୂଳକୁ ଅତିଷ୍ଠ କରି ଆସୁଛି। ଏହାବାଦ ପ୍ରତିବର୍ଷ ବନ୍ୟାରେ ଜିଲାର ଲକ୍ଷାଧିକ ଏକର ଚାଷଜମି କ୍ଷତିଗ୍ରସ୍ତ ହେଉଛି। ତେଣୁ ଦଳୀୟ ସାଂଗଠନିକ ସ୍ଥିତି ଓ ଜନସମର୍ଥନର ପୃଷ୍ଠଭୂମି ସହ ଚାଷୀ ଓ ଚାଷ ସଂକ୍ରାନ୍ତୀୟ ବିଷୟ ନିର୍ବାଚନକୁ ପ୍ରଭାବିତ କରିବ ବୋଲି ମତପ୍ରକାଶ ପାଇଛି । ଜିଲାର ଖରସ୍ରୋତା, ବ୍ରାହ୍ମଣୀ, ବୈତରଣୀ, ବୁଢା, ବିରୁପା, କେଲୁଅ ନଦୀଯୋଗୁ ପ୍ରତିବର୍ଷ ଜିଲାବାସୀ ବନ୍ୟାରେ ହାହାକାର ହେଉଛନ୍ତି। ବରୀ ବ୍ଲକ ବିରୁପା-କେଲୁଅ ନଦୀବନ୍ଧ ଦୀର୍ଘବର୍ଷ ଧରି ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଏଥିଯୋଗୁ ପ୍ରାୟ ୮୦ହଜାର ଚାଷୀ ପରିବାର ଓ କୃଷି ଶ୍ରମିକ ସିଧାସଳଖ ପ୍ରଭାବିତ ହେଉଛନ୍ତି। ବିଜେଡିରୁ ପ୍ରତିନିଧିତ୍ୱ କରି ଆସୁଥିବା ବିଧାୟକମାନେ ଏହି ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ନିକଟରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଚଳିତ ନିର୍ବାଚନକୁ ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଚାଷୀ ସଂଗଠନ ଯଦିଓ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପକ୍ଷଧର ହୋଇନାହିଁ, ତଥାପି ସଂଗଠନ ଓ ଏହାର ଆନ୍ଦୋଳନରେ ସାମିଲ ହୋଇଥିବା ରାଜନେତାଙ୍କ ପ୍ରତି ଚାଷୀ ମହଲରେ ସମର୍ଥନ ରହିଛି। ଏହବାଦ ସ୍ଥାନୀୟ ନିଯୁକ୍ତି, ପାରିପାର୍ଶ୍ୱିକ ଅଞ୍ଚଳ ଉନ୍ନୟନ, ଥଇଥାନ, କ୍ଷତିପୂରଣ, ପରିବେଶ ପ୍ରଦୂଷଣ ଆଦି ସମସ୍ୟାର ସମାଧାନ ଦିଗରେ ଜନ ପ୍ରତିନିଧି ପ୍ରଭାବୀ ଢଙ୍ଗରେ କାର୍ଯ୍ୟ କରି ନ ପାରି ଲୋକଙ୍କ ଆସ୍ଥା ହରାଉଛନ୍ତି। କଳିଙ୍ଗନଗର ଟାଟା ଷ୍ଟିଲରେ ସ୍ଥାନୀୟ ନିଯୁକ୍ତି ଅପେକ୍ଷା ଜାମସେଦପୁର, ପଶ୍ଚିମବଙ୍ଗ ଆଦି ରାଜ୍ୟର ଲୋକଙ୍କୁ ଉଚ୍ଚପଦପଦବୀରେ ନିୟମିତ ଭାବେ ନିଯୁକ୍ତି ମିଳୁଛି। ଏ ବାବଦରେ ଜିଲାର କୌଣସି ରାଜନୈତିକ ନେତା ଅବା ଜନ ପ୍ରତିନିଧି କହିନାହାନ୍ତି। ଏସବୁ ଦେଖିବା ପରେ ଜନତା ସରକାରଙ୍କ କଥା ଓ କାର୍ଯ୍ୟରେ ଫରକ ଥିବା ଅନୁଭବ କରୁଥିବାବେଳେ ନେତାଏ କିନ୍ତୁ ଚାଷୀଙ୍କ ପାଇଁ ଦରଦି ହୋଇ ପଡିଥିବା ଭଳି ଅଭିନୟରେ ମାତିଛନ୍ତି। ବିରୋଧୀ ଦଳର ନେତାମାନେ ଚାଷୀ ସ୍ୱାର୍ଥ ରକ୍ଷା ପାଇଁ ସରକାର ବିରୋଧରେ ଲଢିବାକୁ ମଧ୍ୟ ପଛାଇବେ ନାହିଁ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। କଂଗ୍ରେସ ଦଳ ସବୁ ସରକାରଙ୍କ ଉପରେ ଲଦି ଗୋଳିଆ ପାଣିରୁ ରାଜନୈତିକ ଫାଇଦା ନେବାକୁ ଉଦ୍ୟମ ଆରମ୍ଭ କରିଦେଇଛି। ବ୍ରାହ୍ମଣୀ ଓ ଖରସ୍ରୋତାରୁ ଚାଷ ପାଇଁ ଚାଷୀଙ୍କୁ ବୁନ୍ଦାଏ ପାଣି ଏପର୍ଯ୍ୟନ୍ତ ଦେଇ ପାରିନାହିଁ । ଅଥଚ ଶିଳ୍ପସଂସ୍ଥାମାନେ ଆଖିବୁଜା ଜଳ ଶୋଷି ଲାଭ ଉଠାଇବାରେ ବ୍ୟସ୍ତ ଥିବାବେଳେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ସରକାର ଓ ନେତାଙ୍କ ଏଭଳି ଚାଷୀ ସ୍ୱାର୍ଥ ବିରୋଧୀ ରାଜନୀତି ଯୋଗୁ ଉଭୟ ଦଳ ଓ ନେତାଙ୍କଠାରୁ ଦୂରେଇ ଯାଉଥିବା ନେତା ଓ କର୍ମୀ ମଧ୍ୟ ଉପଲବ୍ଧି କଲେଣି। ଆଗାମୀ ଦିନରେ ଚାଷୀକୂଳ ଏହାର ପ୍ରକୃତ ଜବାବ ଦେବା ପାଇଁ ପ୍ରସ୍ତୁତ ହୋଇସାରିଥିବା ଆଲୋଚନା ହେଉଛି।



ମନକୁ ଯଦି କାମରେ ନ ଲଗାଇବ, ସେଥିରେ କଳଙ୍କି ଲାଗି ଶେଷରେ ଅକାମି ହୋଇଯିବ।
- ହର୍ବର୍ଟ ସାଇମନ୍ସ

## ସଂକ୍ଷେପରେ

### ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୮।୩ (ଡି.ଏନ.ଏ/ସ୍ୱ.ପ୍ର.):** ବଡ଼ଚଣା ବ୍ଲକ ବାଲିପଡ଼ିଆ ଗ୍ରାମର ପ୍ରଫୁଲ୍ଲ ସାମଲ (୬୫) ଗୁରୁବାର ନିଜ କ୍ଷେତକୁ ଯାଇଥିଲା ବେଳେ ସେଠାରେ ଟଳି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥିତ ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଅଂଶୁଘାତ ଯୋଗୁ ପ୍ରଫୁଲ୍ଲଙ୍କର ମୃତ୍ୟୁ ହୋଇଥିବା ସୂଚନା ଦେଇଛନ୍ତି। ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ବେଳେ ଏକ ଅପମୃତ୍ୟୁ ମାମଲା (୬/୧୯) ରୁଜୁ କରିଛି।

### କଡ଼ା ସୁରକ୍ଷାରେ ପହଞ୍ଚିଲା ଇଭିଏମ୍ ମେଶିନ

**ଆଠଗଡ, ୨୮।୩(ସ୍ୱ.ପ୍ର.):** ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଉପଖଣ୍ଡ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଅମିୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ପରିଚାଳନା ପାଇଁ ପର୍ଯ୍ୟାୟକ୍ରମେ ଅଧିକାରୀମାନଙ୍କୁ ତାଲିମ ଦିଆଯାଉଛି । ଏହି କ୍ରମରେ ମଙ୍ଗଳବାର ବିଳମ୍ବିତ ରାତ୍ରରେ କଡ଼ା ସୁରକ୍ଷା ମଧ୍ୟରେ କଟକରୁ ଇଭିଏମ୍ ମେଶିନଗୁଡ଼ିକୁ ଅଣାଯାଇ ଆଠଗଡ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟଠାରେ ଥିବା ଷ୍ଟ୍ରଙ୍ଗ୍ ରୁମରେ ରଖାଯାଇଛି । ୬ଟି ପ୍ରକୋଷ୍ଠ ମଧ୍ୟରେ ଏହି ମେଶିନଗୁଡ଼ିକୁ ରଖାଯାଇଛି। ଏଠାରେ ୨୪ଘଣ୍ଟିଆ ପୋଲିସ ପହରା ଦିଆଯାଉଛି।

### ପ୍ରାର୍ଥୀପତ୍ର ପ୍ରତ୍ୟାହାର କଲେ ପୂର୍ଣ୍ଣଚନ୍ଦ୍ର, ମୀନକେତନ

**ପାରଳାଖେମୁଣ୍ଡି, ୨୮।୩ (ସ୍ୱ.ପ୍ର.):** ମୋହନା ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ଗମାଙ୍ଗ ଓ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ମୀନକେତନ ଜେନା ଗୁରୁବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେଇଥିବା ପାରଳାଖେମୁଣ୍ଡି ଉପଜିଲାପାଳଙ୍କ କାର୍ଯ୍ୟାଳୟ ତଥା ନିର୍ବାଚନ ରିଟର୍ନିଂ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ତେବେ ପୂର୍ବରୁ ମୋହନା ନିର୍ବାଚନମଣ୍ଡଳୀ ପାଇଁ ୯ଜଣ ଓ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୮ଜଣ ପ୍ରାର୍ଥୀ ନାମାଙ୍କନ ଭରିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ନାମାଙ୍କନ ପ୍ରତ୍ୟାହାର ପରେ ମୋହନା ନିର୍ବାଚନମଣ୍ଡଳୀରେ ୮ଜଣ ଓ ମୀନକେତନଙ୍କ ନାମାଙ୍କନ ପ୍ରତ୍ୟାହାର ପରେ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ୭ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିବେ। ମୀନକେତନ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପରେ ବିଜେଡିରେ ମିଶିଛନ୍ତି। ପାରଳାଖେମୁଣ୍ଡି ରାଜପରିବାରର କଲ୍ୟାଣୀ ଦେବୀଙ୍କୁ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରୁ ବିଜେଡି ବିଧାୟକ ପ୍ରାର୍ଥୀ କରିଛି। ତେଣୁ ତାଙ୍କୁ ସହଯୋଗ କରିବାକୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛି ବୋଲି ମୀନକେତନ କହିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ମୀନକେତନ ଜଣେ ଚାଷୀନେତା ହିସାବରେ ଗଜପତି ଜିଲା ଗୋଷାଣୀ ବ୍ଲକରେ ବେଶ୍ ଜଣାଶୁଣା। ତେବେ ସେ ଦଳରେ ମିଶିବା ପରେ ବିଜେଡି ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି।

### ଆଦର୍ଶ କୃଷକଙ୍କ ଉଦ୍ଦେଶ୍ୟରେ ଶୋକ ସଭା

**ବରୀ, ୨୮।୩(ସ୍ୱ.ପ୍ର):** ଆଦର୍ଶ କୃଷକ ବଲ୍ଲଭ ଚରଣ ଭୂୟାଁଙ୍କ ଏକାଦଶାହ ଅବସରରେ ଗୁରୁବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ତଥା ସାମାଜିକ କର୍ମୀ କର୍ଣ୍ଣଚନ୍ଦ୍ର ଘଡେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ବରୀ ବ୍ଲକର ବହୁ ବୁଦ୍ଧିଜୀବୀ ଯୋଗଦାନ କରି ସ୍ୱର୍ଗତ ଭୂୟାଁଙ୍କ ସ୍ମୃତିଚାରଣ କରିଥିଲେ। କୃଷକଙ୍କ ବ୍ୟତୀତ ୫ ପଞ୍ଚାୟତରେ ଆହୁରି ଅନେକ ସମସ୍ୟା ତାଙ୍କ ମାର୍ଗଦର୍ଶନରେ ସମାଧାନ ହୋଇପାରୁଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭା ଅନନ୍ତ ଚରଣ ଭୂୟାଁଙ୍କ ତତ୍ତ୍ୱାବଧାନରେ ସମାହିତ ହୋଇଥିଲା। ଉପସ୍ଥିତ ଅତିଥିଙ୍କ ମଧ୍ୟରେ କାଳନ୍ଦୀ ଚରଣ ଭୂୟାଁ, କୁଶାସନ ସାମଲ, ପ୍ରଶାନ୍ତ କୁମାର ବେହେରା, ପ୍ରଶାନ୍ତ କୁମାର ପଡ଼ିଆରୀ, ଅଜୟ କୁମାର ରଥ, ବିଜୟ କୁମାର ନାୟକ, ପ୍ରଦୀପ କୁମାର ଜେନା, ଶରତ କୁମାର ଜେନାଙ୍କ ସମେତ ମଧୁସ୍ମିତା ଭୂୟାଁ, ହାଡିବନ୍ଧୁ ଭୂୟାଁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବରୀ ପାଇଁ ପ୍ରାର୍ଥୀ ଘୋଷଣାରେ ବିଳମ୍ବ

# ବିଜେଡି, କଂଗ୍ରେସର ଛିଣ୍ଡୁନି ଅଙ୍କ

**ବରୀ, ୨୮।୩(ସ୍ୱ.ପ୍ର)**

୨୦୧୯ ସାଧାରଣ ନିର୍ବାଚନ ପାଇଁ ଆସନ୍ତା ୨ତାରିଖରୁ ୪ର୍ଥ ପର୍ଯ୍ୟାୟ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହେବ। ଏପ୍ରିଲ ୨୯ତାରିଖ ଭୋଟ ଗ୍ରହଣ ହେବ। ଏନେଇ ଭାଜପା ପକ୍ଷରୁ ବରୀ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା ସରିଥିଲାବେଳେ ବିଜେଡି ଓ କଂଗ୍ରେସ ପକ୍ଷରୁ ଏଯାଏ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ। ଏ ନେଇ ଭୋଟର ଉତ୍ସାହିତ ଥିଲାବେଳେ ଆଶାୟୀ ପ୍ରାର୍ଥୀଙ୍କୁ ନେଇ ଅଙ୍କ କଷା ଜୋରଦାର ଚାଲିଛି। ବିଜେଡି ଅଙ୍କ ଛିଣ୍ଡୁ ନ ଥିବାରୁ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଉଥିବା ଚର୍ଚ୍ଚା ହେଉଛି। ଆଶାୟୀଙ୍କ ମଧ୍ୟରେ ବିଧାୟକ ଦେବାଶିଷ ନାୟକ ଓ ବିଜୟ ନାୟକଙ୍କ ନାମ ଚର୍ଚ୍ଚାରେ ରହିଛି। ଛାତ୍ର ଜନତା ଦଳ ଉପସଭାପତି ଭାବେ ବିଜୟ କାର୍ଯ୍ୟ ଆରମ୍ଭ କରି ପରେ ବିଜୁ ଯୁବ ଜନତା ଦଳର ସମ୍ପାଦକ, ସାଧାରଣ ସମ୍ପାଦକ ଓ ମୁଖପାତ୍ର ଦାୟିତ୍ୱରେ ରହି ଯୁବ ବିଜେଡିର ରାଜ୍ୟ ନେତୃତ୍ୱରେ ସଫଳତା ପାଇଛନ୍ତି। ବିଜୟଙ୍କ ସାଂଗଠନିକ ଦକ୍ଷତାକୁ ନେଇ ରାଜ୍ୟ ବିଜେଡି ସୁପ୍ରିମୋ ଦଳର ସମ୍ପାଦକ ଦାୟିତ୍ୱ ତାଙ୍କୁ ପ୍ରଦାନ କରିଛନ୍ତି। ତାଙ୍କ ଦବଦବା ବରୀ ନିର୍ବାଚନ ମଣ୍ଡଳୀରେ ରହିଥିବାରୁ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ କଡ଼ା ଟକ୍କର ଦେବେ ବୋଲି ଆଲୋଚନା ହେଉଛି। ବିଜେଡି ଏବେ ବିଜୟଙ୍କୁ ବରୀରେ ପ୍ରାର୍ଥୀ କରିବ ବୋଲି ଅଙ୍କ କଷୁ ଥିଲାବେଳେ ବରୀ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ଦାସ ଓ ତାଙ୍କ ସ୍ୱାମୀ ପୂର୍ବତନ ଜିଲା ପରିଷଦ ସଦସ୍ୟ ଦେବେନ୍ଦ୍ର ଦାସ ଭାଜପାର ନେତୃତ୍ୱ ନେଉଛନ୍ତି। ତେବେ ସୁନନ୍ଦା ଓ ଦେବେନ୍ଦ୍ର ଖୁବ୍‌ଶୀଘ୍ର ବିଜେଡିରେ ମିଶିବାକୁ ଯାଉଥିବା ଜୋରଦାର ଚର୍ଚ୍ଚା ହେଉଛି। ଶୁକ୍ରବାର କିମ୍ବା ଶନିବାର ଏମାନଙ୍କୁ ଜିଲାର ଜଣେ ଟାଣୁଆ ବିଧାୟକ ବିଜେଡିରେ ମିଶାଇ ଟିକେଟ ଦେବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିବା ଦେବେନ୍ଦ୍ର କହିଛନ୍ତି। ଏପରିକି ମହିଳା କାର୍ଡ ଖେଳି ବିଜେଡି ଅଧ୍ୟକ୍ଷା ସୁନନ୍ଦାଙ୍କୁ ପ୍ରାର୍ଥୀ କରିଦେଇ ପାରେ ବୋଲି କୁହାଯାଉଛି। ମାତ୍ର କିଛି ନିଷ୍ପତ୍ତି ହୋଇପାରି ନ ଥିବାରୁ ବିଜେଡି କାହାକୁ ପ୍ରାର୍ଥୀ କରିବ ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଜେଡିର ଆହୁରି ଅନେକ ଆଶାୟୀଙ୍କ ଆଶା ମଉଳି ଯାଉଥିବା ସୂଚନା ମିଳିଛି। ସେହିପରି କଂଗ୍ରେସ ପ୍ରାର୍ଥୀ ଘୋଷଣା ନେଇ ବିଳମ୍ବ ହେଉଛି। ଯୁବନେତା ଉମେଶ ଜେନା ଓ ମୁଖପାତ୍ର ମନୋଜ ମହାପାତ୍ର କଂଗ୍ରେସର ଆଶାୟୀ ପ୍ରାର୍ଥୀ ଭାବେ ରହିଥିଲାବେଳେ ଦଳ ଏଠାରେ କାହକୁ ପ୍ରାର୍ଥୀ କରିବ ଏ ନେଇ କଂଗ୍ରେସ ଚିନ୍ତାରେ ପଡ଼ିଛି। ଅପରପକ୍ଷେ ଭାଜପାର ଭୋଟକୁ ଭାଙ୍ଗିବା ପାଇଁ ହିନ୍ଦୁସ୍ଥାନ ନିର୍ମାଣ ଦଳ ବରୀରେ ପ୍ରାର୍ଥୀ ଚୟନ କରିଛି। ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରି ବିଶ୍ୱ ହିନ୍ଦୁ ପରିଷଦର ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ କାଇପଡ଼ାର ଅସିଦ କୁମାର ରାୟଙ୍କୁ ଏହି ଦଳ ପ୍ରାର୍ଥୀ କରିଥିବା ରାଜ୍ୟ ସମ୍ପାଦକ ଦୀପକ ମହନ୍ତ ସୂଚନା ଦେଇଛନ୍ତି। କଠୋରପନ୍ଥୀ ହିନ୍ଦୁତ୍ୱ ଚିନ୍ତାଧାରା ଉପରେ ହିନ୍ଦୁସ୍ଥାନ ନିର୍ମାଣ ଦଳ କାର୍ଯ୍ୟ କରୁଥିବାରୁ ଭାଜପା ଭୋଟକୁ ବରୀରେ କିଛି ହାତେଇ ନେବ ବୋଲି ଚର୍ଚ୍ଚା ହେଉଛି। ତେବେ ସବୁ ଦଳର ପ୍ରାର୍ଥୀ ଘୋଷଣା ସରିଲା ପରେ ରାଜନୈତିକ ଦୃଶ୍ୟପଟ୍ଟ ସ୍ପଷ୍ଟ ହେବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ଦେଇଛନ୍ତି।

> ■ ସୁନନ୍ଦା ଓ ଦେବେନ୍ଦ୍ର ଖୁବ୍ ଶୀଘ୍ର ବିଜେଡିରେ ମିଶିବା ନେଇ ଚର୍ଚ୍ଚା
>
> ■ ଆଶା ଆଶଙ୍କାରେ ବିଜୟ ଓ ଦେବାଶିଷଙ୍କ ସମର୍ଥକ

## ଗ୍ରୀଷ୍ମ ଆରମ୍ଭରୁ ଜଳ ସମସ୍ୟା ଉତ୍କଟ

# ଜଳଯୋଗାଣ ପାଇଁ ପ୍ରକଳ୍ପ ନିର୍ମାଣ ଦାବି



ଗ୍ରାମବାସୀମାନେ ପାଣି ସଂଗ୍ରହ କରୁଛନ୍ତି।

**ଡୁବୁରୀ, ୨୮।୩(ଡି.ଏନ୍.ଏ.)**

ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତର ବାଲିଆପାଳ ଗ୍ରାମାବାସୀଙ୍କ ପାଇଁ ପାନୀୟଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ସରକାରୀ ଓ ବେସରକାରୀଭାବେ ଗ୍ରାମରେ ୭ଟି ନଳକୂପ ବସାଯାଇଛି। ହେଲେ ସେଥିରୁ ଗୋଟିଏ ହେଲେ ନଳକୂପରୁ ପିଇବା ଉପଯୋଗୀ ପାଣି ବାହାରୁ ନାହିଁ। ବାଲିଆପାଳ ଅଞ୍ଚଳରେ ରେଙ୍ଗାଲି ଓ ରେଳବାଇ ପ୍ରକଳ୍ପ ଯୋଗୁ ୬୦ରୁ ୭୦ ଫୁଟ ଗଭୀର ମାଟି ଖୋଳାଯାଇ ନିକଟରେ ଥିବା ବିସି ମହାନ୍ତି କାରଖାନାରେ ଭୂତଳ ଜଳକୁ କାମରେ ବ୍ୟବହାର କରାଯାଉଛି। ଫଳରେ ଭୂତଳ ଜଳ ସ୍ତର ହ୍ରାସ ପାଇବାରେ ଲାଗିଛି। ଏ ନେଇ ଗତ ସପ୍ତାହରେ ବାଲିଆପାଳ ଗ୍ରାମବାସୀ କାରଖାନା କର୍ତ୍ତୃପକ୍ଷଙ୍କୁ ଭେଟି ସମାଧାନ ଦାବି କରିଥିଲେ। ପରେ କାରଖାନା ପକ୍ଷରୁ ଟ୍ୟାଙ୍କର ଯୋଗେ ଗ୍ରାମକୁ ଜଳ ଯୋଗାଇ ଦିଆଯାଇଥିବା ସରପଞ୍ଚ ଚକ୍ରଧର ତାମସଏ କହିଛନ୍ତି। ହେଲେ ଟ୍ୟାଙ୍କରରେ ଜଳ ଯୋଗାଣ ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ହେଉ ନ ଥିବାରୁ ଲୋକେ ରେଲୱେ ପକ୍ଷରୁ ଖୋଳା ଯାଇଥିବା ଏକ ଗାଡରୁ ପାଣି ସଂଗ୍ରହ କରିବାକୁ ବାଧ ହେଉଛନ୍ତି। ଜଳ ସମସ୍ୟାର ନିରାକରଣ ପାଇଁ ଲୋକେ ରେଙ୍ଗାଲି ଓ ରେଲୱେ ଠିକା ସଂସ୍ଥା ନିକଟରେ ଦାବି କରିଥିଲେ ମଧ୍ୟ ଏ ଦିଗରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବିହିତ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସ୍ୱଚ୍ଛ ପିଇବା ପାଣିର ସ୍ଥାୟୀ ସମାଧାନ ନ ହେବା ଯାଏ କାରଖାନା ପକ୍ଷରୁ ପିଇବା ପାଣି ଟ୍ୟାଙ୍କର ଯୋଗେ ପ୍ରଦାନ କରାଯିବ ବୋଲି କାରଖାନାର ବରିଷ୍ଠ ପରିଚାଳକ ବିଭାସ ମହାନ୍ତି କହିଛନ୍ତି । ସରକାର କିମ୍ବା ପ୍ରଶାସନ ପକ୍ଷରୁ ଏଥିପ୍ରତି ତୁରନ୍ତ ପଦକ୍ଷେପ ଗ୍ରହଣ କରି ଓଭର ହେଡ ଟାଙ୍କି ମାଧ୍ୟମରେ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଟ୍ରକ୍ ପଛରେ ପିଟିଲା ବାଇକ୍: ଜଣେ ମୃତ

**ଚଣ୍ଡିଖୋଲ, ୨୮।୩(ଡି.ଏନ.ଏ)**

୧୬ନମ୍ବର ଜାତୀୟ ରାଜପଥର ବଡଚଣା ଛକ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ଜଣେ ବାଇକ୍ ଆରୋହୀ ପଛ ପଟୁ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ଜଣେ ଗୁରୁତର ଅଛନ୍ତି। ମୃତକ ଜଣକ ହେଲେ ଯାଜପୁର ଜିଲା ସୁକିନ୍ଦା ଥାନା ହାତୀବାରି ଗ୍ରାମର କୈଳାସ ଚନ୍ଦ୍ର ପାତ୍ରଙ୍କ ପୁଅ ଜ୍ୟୋତିର୍ମୟ(୨୫) ଏବଂ ଆହତ ଜଣକ କଳିଙ୍ଗନଗର ଥାନା ସାରଙ୍ଗପୁର ଗ୍ରାମର ସୁନିତା ସାହୁ (୧୮) ବୋଲି ଜଣାପଡ଼ିଛି। ଉଭୟ ଭୁବନେଶ୍ୱରରୁ ଚଣ୍ଡିଖୋଲ ଅଭିମୁଖେ ଗୁରୁବାର ପୂର୍ବାହ୍ନରେ ବାଇକ(ଓଡି୦୪ ଡି ୬୦୧୬) ଯୋଗେ ଫେରୁଥିବା ବେଳେ ରାସ୍ତା କଡ଼ରେ ଛିଡା ହୋଇଥିବା ଏକ ଟ୍ରକ (ଆରଜେ୧୯ ଜିପି୮୯୫୯)କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଉଭୟ ଘଟଣାସ୍ଥଳରେ ଗୁରୁତର ହୋଇପଡିଥିଲେ। ଗୁରୁତର ଦ୍ୱୟଙ୍କୁ ଆମ୍ବୁଲାନ୍ସ ଯୋଗେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ଜ୍ୟୋତିର୍ମୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୁନୀତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ବଡଚଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ୨ଟିକୁ ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

### ସୁଜୁକି ଶୋ'ରୁମ୍ ଉଦ୍‌ଘାଟିତ

**ଚଣ୍ଡିଖୋଲ, ୨୮।୩(ଡି.ଏନ.ଏ)**

ଚଣ୍ଡିଖୋଲ ଛକ ଦୁର୍ଗାମଣ୍ଡପ ନିକଟରେ ସୁଜୁକି ମୋଟର କମ୍ପାନୀ ତରଫରୁ ବୁଧବାର 'ଶ୍ରୀ' ସୁଜୁକି ବାଇକ୍ ଶୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ବଡ଼ଚଣା ଥାନାଧିକାରୀ ଦୀପକ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୋ'ରୁମ୍‌କୁ ଉଦ୍‌ଘାଟନ କରିଥିଲେ। ଖବରଦାତା ସମରେନ୍ଦ୍ର ମାହାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ଶତପଥୀ, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ସାମାଜିକ କର୍ମୀ ଶେଷଦେବ ନାୟକ, ସାହିତ୍ୟିକ ଭକ୍ତ ଚରଣ ସାହୁ, ପ୍ରଦୀପ୍ତ କୁମାର ପୃଷ୍ଟି, ପ୍ରମୋଦ କୁମାର ଜେନା, ପ୍ରଶାନ୍ତ କୁମାର ଜେନା, ପ୍ରସନ୍ନ କୁମାର ବିଶ୍ୱାଳ, ଚଣ୍ଡିଖୋଲ ବଣିକ ସଂଘର ସମ୍ପାଦକ ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶୋ'ରୁମ୍‌ର ପରିଚାଳନା ନିର୍ଦ୍ଦେଶକ ବିଭୁପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଲଲାଟେନ୍ଦୁ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ସିଂହପୁର, ୨୮।୩(ଡି.ଏନ.ଏ)**

ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ହରେକୃଷ୍ଣ ନାୟକଙ୍କର ଗୁରୁବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ଜଣେ ଆଦର୍ଶ ତଥା ଛାତ୍ରବତ୍ସଳ ଶିକ୍ଷକ ଥିଲେ। ତାଙ୍କ ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଛନ୍ତି। ସ୍ୱର୍ଗତଃ ନାୟକଙ୍କ ବିୟୋଗରେ ପଦ୍ମନାଭ ଦାଶ, ଶ୍ରୀହରୀ ସାହୁ, ନିରଞ୍ଜନ ଦାସ, ଅନିରୁଦ୍ଧ ବେଉରିଆ, ଘନଶ୍ୟାମ ଦାସ, ଉମାକାନ୍ତ ନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଏକାଦଶ ସମାବର୍ତ୍ତନ ଉତ୍ସବ

# ମୂଲ୍ୟବୋଧଭିତ୍ତିକ ଶିକ୍ଷା ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ



ଜଣେ ଛାତ୍ରୀଙ୍କୁ ସମ୍ମାନିତ କରାଯାଉଛି।

**ବାରିପଦା ଅଫିସ, ୨୮।୩**

ମୟୂରଭଞ୍ଜ ଜିଲା ବାରିପଦା ତକତପୁର ସ୍ଥିତ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ଗୁରୁବାର ଏକାଦଶ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ଗଣେଶୀ ଲାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୂଆଦିଲୀ ସ୍ଥିତ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦର ଅଧ୍ୟକ୍ଷ ଡ.ବ୍ରଜ ବିହାରୀ କୁମାର ଯୋଗଦେଇଥିଲେ। ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉପରେ ଛାତ୍ରୀଛାତ୍ରଙ୍କୁ ରାଜ୍ୟପାଳ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଦୀପ ଚାନ୍ଦ, କୁଳସଚିବ ପ୍ରମୋଦ ଶତପଥି ପ୍ରମୁଖ ଯୋଗଦେଇଥିଲେ। ଏହି ସମାବର୍ତ୍ତନ ଉତ୍ସବରେ ୪ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ମାନ ସୂଚକ ଭାବେ ସମ୍ମାନିତ କରାଯାଇଛି। ସେମାନେ ହେଲେ ପୂର୍ବତନ ଫିଜିକ୍ସ ପ୍ରଫେସର ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ମୟୂରଭଞ୍ଜ ଚେୟାର ପ୍ରଫେସର ନିରଞ୍ଜନ ବାରିକ, ଭାବା ଅଟୋନମିକ ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ଅଜିତ କୁମାର ମହାନ୍ତି, ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ରାମଚନ୍ଦ୍ର ବେହେରା ଏବଂ ସୁପ୍ରିମ କୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଦୀପକ ମିଶ୍ର। ନିରଞ୍ଜନ ଓ ଅଜିତଙ୍କୁ ଡକ୍ଟରେଟ ଇନ ସାଇନ୍ସରେ ସମ୍ମାନିତ କରାଯାଇଥିବା ବେଳେ ରାମଚନ୍ଦ୍ରଙ୍କୁ ଡକ୍ଟରେଟ ଇନ ଲିଟରେଚର ଏବଂ ଦିପକଙ୍କୁ ଡକ୍ଟରେଟ ଇନ 'ଲ' ସମ୍ମାନରେ ସମ୍ମାନିତ କରାଯାଇଛି। ବିଶ୍ୱବିଦ୍ୟାଳୟର ପିଜି ବିଭାଗରେ ବଟାନୀରେ ଟପର ହୋଇଥିବା ଛାତ୍ରୀ କାନ୍ତାକୁମାରୀ ସୋନାଲୀ ଜ୍ୟୋସ୍ନା ନାୟକଙ୍କ ସମେତ ୪୪ ଛାତ୍ରୀଛାତ୍ରଙ୍କୁ ଗୋଲ୍ଡ ମେଡାଲ, ୫୬ ଛାତ୍ରୀଛାତ୍ରଙ୍କୁ ପିଏଚଡି ଏବଂ ୨ଜଣଙ୍କୁ ଡିଲିଟ ସମ୍ମାନରେ ସମ୍ମାନିତ କରାଯାଇଛି।

## ଜାତୀୟ ରାଜପଥରେ ଭ୍ରାମ୍ୟମାଣ କୋର୍ଟ

# ୧୬ ହଜାର ୮୭୫ ଜରିମାନା ଆଦାୟ

**ଚଣ୍ଡିଖୋଲ, ୨୮।୩(ଡି.ଏନ.ଏ)**

୫ନଂ (କ) ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କୃଷ୍ଣଦାସପୁର ଛକ ନିକଟରେ ବୁଧବାର ଚଣ୍ଡିଖୋଲ ଜେଏମ୍‌ଏଫସି ବିଚାରପତି ନେହା ଅଗ୍ରୱାଲ ଭ୍ରାମ୍ୟମାଣ ଅଦାଲତ ଜରିଆରେ ଯାନ ବାହାନ ତନଖି କରିଥିଲେ। ବିଭିନ୍ନ ଗାଡ଼ି କାଗଜପତ୍ର ଯାଞ୍ଚ କରି ୧୬ହଜାର ୮୭୫ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ୩୬ ଟି ପି.ଆର ମାମଲା କରାଯାଇଥିଲା। ଏହି ଭ୍ରାମ୍ୟମାଣ ତନଖି କାର୍ଯ୍ୟକ୍ରମରେ ବାଲିଚନ୍ଦ୍ରପୁର ଥାନାଧିକାରୀ ସୁକାନ୍ତ କୁମାର ପାତ୍ରଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ସହଯୋଗ କରିଥିଲେ।

# ପ୍ରୀତିରଞ୍ଜନ ଟିକେଟ ପାଇବା ପରେ କର୍ମୀ ମହଲରେ ଉତ୍ସାହ

**କଳିଙ୍ଗନଗର, ୨୮।୩(ଡି.ଏନ୍.ଏ.)**

ସୁକିନ୍ଦା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଦଳ ପକ୍ଷରୁ ପୁନର୍ବାର ଯୁବ ନେତା ପ୍ରୀତିରଞ୍ଜନ ଘଡ଼େଇଙ୍କୁ ଟିକେଟ ମିଳିଛି। ଏ ନେଇ କର୍ମୀଙ୍କ ମହଲରେ ଆନନ୍ଦର ଲହଡି ଖେଳିଯାଇଛି। ବୁଧବାର ସନ୍ଧ୍ୟାରେ ଶତାଧିକ ଦଳୀୟ କାର୍ଯ୍ୟାଳୟରେ ବାଣ ଫୁଟାଇ ଉତ୍ସବ ମନାଇଥିଲେ। ପରେ ବିଧାୟକଙ୍କୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ନିକଟସ୍ଥ ଜଗନ୍ନାଥ କଲୋନୀ, ତ୍ରିଜଙ୍ଗା କଲୋନୀ, ଦାନଗଦୀ ବଜାର ମଧ୍ୟ ଦେଇ ଦଳିୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପୁନର୍ବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥାପ୍ରକଟ କରି ସୁକିନ୍ଦାରୁ ପାର୍ଥୀ କରିଥିବାରୁ ବିଧାୟକ ଘଡ଼େଇ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ସୁକିନ୍ଦା ଜନସାଧାରଣଙ୍କ ଆର୍ଶିବାଦ ଓ ଭଲପାଇବା ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି କହିଥିଲେ।

# 'ସଂକଳ୍ପ ସେ ସିଦ୍ଧି' କାର୍ଯ୍ୟକ୍ରମ, ସମ୍ବର୍ଦ୍ଧନା ସଭା

**ଯାଜପୁର ରୋଡ, ୨୮।୩(ନି.ପ୍ର)**

ଖମଣ ପଞ୍ଚାୟତ ଠାକୁରପାଟଣା ଯୁବପରିଷଦ, ଶଙ୍ଖଚିଲା ଏବଂ ନେହେରୁ ଯୁବକେନ୍ଦ୍ର ସଂଗଠନ ତରଫରୁ ସଂକଳ୍ପ ସେ ସିଦ୍ଧି କାର୍ଯ୍ୟକ୍ରମ ଏବଂ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ପାଳନ କରିବା ପାଇଁ ଅନୁଷ୍ଠାନର ଉପସଭାପତି ଗୋପାଳ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଗ୍ରାମର ଠାକୁରବାଡ଼ିରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତିଙ୍କୁ ଅତିଥିରୂପେ ନିମନ୍ତ୍ରଣ କରିବା ସହିତ ଯାଜପୁର ଜିଲାର ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥିରୂପେ କାହ୍ନୁଚରଣ ମହାବିଦ୍ୟାଳୟର ଅଧ୍ୟକ୍ଷ ମୋହନ ଚରଣ ଖୁଣ୍ଟିଆ ଯୋଗ ଦେଇଥିବାବେଳେ ଅନ୍ୟତମ ଅତିଥିଭାବେ ଖବରଦାତା ଚିନ୍ତାମଣି ପାଢ଼ୀ, ଏଲଆଇସିର କାର୍ଯ୍ୟକର୍ତ୍ତା ଦୁର୍ଯ୍ୟୋଧନ ରାଉତ, କଳିଙ୍ଗନଗର ପଲିଟେକନିକର ଅଧ୍ୟକ୍ଷ ଆଲେକଜାଣ୍ଡର ଦାସ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ। ବ୍ୟଙ୍ଗ କବି ବାଇଧର ମାଝି କବିତା ମାଧ୍ୟମରେ ସଂକଳ୍ପରୁ କିପରି ସିଦ୍ଧି ମିଳିପାରିବ ତଥା ଆଜିର ଯୁବପିଢ଼ୀ ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ ଉପରେ ସୁନ୍ଦର ବ୍ୟଙ୍ଗ କବିତା ଶୁଣାଇଥିଲେ। ନେହେରୁ ଯୁବକେନ୍ଦ୍ର ସଙ୍ଗଠନର କୋଷାଧ୍ୟକ୍ଷ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଗଙ୍ଗାଧର ବେହେରା, ଶଙ୍ଖଚିଲା ହିଙ୍ଗୁଳା କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ମଧ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଭାଶେଷରେ ସ୍ମାଇଲ ଫାଉଣ୍ଡେଶନ, କ୍ଲବ ଦି ୟୁଥ୍ ମାସ୍, ହ୍ୟୁମାନ ନିଡ୍ ଅର୍ଗାନାଇଜେଶନ, ବିଜୟ ଆଦର୍ଶ ଫାଉଣ୍ଡେଶନ, ବିଶ୍ୱଜୟ ଫାଉଣ୍ଡେଶନ, ଯାଜପୁରର କର୍ମକର୍ତ୍ତାଙ୍କୁ ଠାକୁରପାଟଣା ଯୁବପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ସାହୁ ସଭା ପରିଚାଳନା କରିଥିଲେ ଏବଂ ପ୍ରଦୀପ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହିତ ସମ୍ବର୍ଦ୍ଧନା ପାଠ କରିଥିଲେ । ସମ୍ପାଦକ ଉମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ମାଣାଧୀନ ରାସ୍ତାରୁ ଉଠିଲା ପିଚୁ

**କଳିଙ୍ଗନଗର, ୨୮।୩(ଡି.ଏନ୍.ଏ.)**

ଦାନଗଦୀ ବ୍ଲକ ଅଞ୍ଚଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ନିର୍ମାଣାଧୀନ ରାସ୍ତାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ଠିକାଦାର ମନଇଚ୍ଛା କାମ କରୁଛନ୍ତି। ଫଳରେ କାମର କିଛିଦିନ ପରେ ରାସ୍ତାରୁ ପିଚୁ ଉଠିଯାଉଛି। ଏ ନେଇ ବହୁବାର ଅଭିଯୋଗ କରାଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସି କହିଛନ୍ତି।

ଦାନଗଦୀ ବ୍ଲକ ଅନ୍ତର୍ଗତ ଟିଟିଏସ୍ କଲୋନୀଠାରୁ ମୂଳାସାର ଗ୍ରାମ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଏକ ରାସ୍ତା ନିର୍ମାଣ କରାଯାଉଛି। ୨.୫ କୋଟି ବ୍ୟୟଅଟକଳରେ ନିର୍ମିତ ରାସ୍ତାର ଦୈର୍ଘ୍ୟ ୬.୩ କିମି ରହିଛି। ଯାହାର ନିର୍ମାଣ ଅବଧି ୧୧।୫।୨୦୧୮ ରୁ ଆରମ୍ଭ ହୋଇଥିଲା। ତେବେ ୯ ମାସ ମଧ୍ୟରେ ରାସ୍ତା କାମ ସରିବାକୁ ନିର୍ଦ୍ଦେଶ ରହିଥିବା ବିଭାଗୀୟ ଏସ୍‌ଡିଓ ସୂଚନା ଦେଇଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ରାସ୍ତାକାମ ସରିନି। ଅପରକ୍ଷେ ରାସ୍ତାର ନିର୍ମାଣସ୍ଥଳରେ ସୂଚନା ଫଳକ ଲଗାଯାଇ ନାହିଁ। ଠିକାଦାର ରାସ୍ତା ନିର୍ମାଣରେ ପିଚୁ ୩ଇଞ୍ଚରେ ନ ବିଛାଇ ୧.୫ ଇଞ୍ଚ ରୁ ୨ ଇଞ୍ଚ ମଧ୍ୟରେ କାମ କରିଛନ୍ତି। ଏହିପରି ରାସ୍ତାକାମ ଦିନରେ କରା ନ ଯାଇ ରାତିରେ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାମ ସମୟରେ ବିଭାଗୀୟ ଅଧିକାରୀ ତଦାରଖ କରୁ ନ ଥିବାରୁ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ଏ ନେଇ ଗ୍ରାମବାସୀ ସୁକିନ୍ଦା ବିଧାୟକଙ୍କ ନିକଟରେ ଅଭିଯୋଗ କରିବା ପରେ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। କିନ୍ତୁ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଠିକାଦାର ନିମ୍ନମାନର କାମ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଏସ୍‌ଡିଓ ସରୋଜ କୁମାର ଦ୍ୱିବେଦୀଙ୍କୁ ପଚାରିବାରୁ ରାସ୍ତା କାମକୁ କେନ୍ଦ୍ରର ଅଧିକାରୀ ଯାଞ୍ଚ କରିଛନ୍ତି । ତେଣୁ ନିମ୍ନମାନର କାମ ହୋଇପାରିବ ନାହିଁ । ତେବେ ଯଦି କାମ ଖରାପ ହୋଇଥାଏ ତେବେ ଠିକାସଂସ୍ଥା ୪ ବର୍ଷ ପର୍ଯ୍ୟନ୍ତ ମରାମତି କରିବାର ନିୟମ ରହିଛି ବୋଲି ସେ କହିଥିଲେ।



